457VLH

# ହସଖୁସି

## ଦ୍ୱିତୀୟ ଶ୍ରେଣୀ

(ଭାଷା, ଗଣିତ ଓ ପରିବେଶ ଅଧ୍ୟୟନର ସମନ୍ୱିତ ପାଠ୍ୟପୁସ୍ତକ ଓ କାର୍ଯ୍ୟପୁସ୍ତକ)

ଓଡ଼ିଶା ଶାସନ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ହସଖୁସି

ଦ୍ୱିତୀୟ ଶ୍ରେଣୀ


**ସମ୍ପାଦକ ମଣ୍ଡଳୀ:**

ଡ. ଚକ୍ରଧର ବିଶ୍ୱାଳ
ସୁଶ୍ରୀ ଜ୍ୟୋତିର୍ମୟୀ ବେହେରା
ସୁଶ୍ରୀ ମମତା ସ୍ୱାଇଁ
ଶ୍ରୀ ପ୍ରମୋଦ କୁମାର ମଲ୍ଲିକ
ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା

**ସମୀକ୍ଷକ ମଣ୍ଡଳୀ:**

ଡ. ଚକ୍ରଧର ବିଶ୍ୱାଳ
ଡ. ଦୁର୍ଯ୍ୟୋଧନ ଦାଶ

**ସଂଯୋଜନା:**

ଶ୍ରୀମତୀ ବିଜୟା କୁମାରୀ ପାତ୍ର
ଶ୍ରୀମତୀ ଅଞ୍ଜଳୀ ନାଥ
ଡ. ତିଲୋତ୍ତମା ସେନାପତି
ଡ. ସବିତା ସାହୁ



**ପ୍ରକାଶକ:**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର


**ମୁଦ୍ରଣ ବର୍ଷ :** ୨୦୧୦
୨୦୨୦

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



# ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ଵାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# ସୂଚୀପତ୍ର



| ପାଠ | ବିଷୟ | ପୃଷ୍ଠା |
|---|---|---|
| ୧. | ଚିତ୍ର ଦେଖି ଗପ କୁହ | ୧ |
| ୨. | କହିଲ ଦେଖି (ପଦ୍ୟ) | ୧୨ |
| ୩. | ଚାଲ ଘର କରିବା | ୨୧ |
| ୪. | ହଇଓ ସମୁଦି | ୨୯ |
| ୫. | କ୍ରିକେଟ୍ ଖେଳ | ୩୫ |
| ୬. | ହାତୀ ମାନିଲା ଏଣ୍ଡୁଅ କଥା (ପଦ୍ୟ) | ୪୩ |
| ୭. | ଆସ ବୁଲିଯିବା ଭଙ୍ଗାରିକା | ୫୦ |
| ୮. | ସୁନ୍ଦର ଆମ ଘର (ପଦ୍ୟ) | ୫୮ |
| ୯. | ରମ୍ଭା ନୂଆ ଜାଗା ଦେଖିଲା | ୬୫ |
| ୧୦. | ଗାଁ ବୁଲା | ୭୮ |
| ୧୧. | ଏକତାର ବଳ (ପଦ୍ୟ) | ୮୮ |
| ୧୨. | ଆମ ଗାଆଁ | ୯୫ |
| ୧୩. | ବେଙ୍ଗୁଲି କରୁଛି କେଁ କଟର | ୧୧୦ |
| ୧୪. | ଖରା, ବର୍ଷା, ଶୀତ | ୧୨୩ |
| ୧୫. | ଆମ ଅଞ୍ଚଳର ଭୂମିରୂପ | ୧୩୫ |
| ୧୬. | ଆମର ପର୍ବପର୍ବାଣି | ୧୪୫ |
| ୧୭. | ସ୍ୱାଧୀନତା ଦିବସ | ୧୫୯ |
| ୧୮. | ମାଆ ପରି ମୋର କିଏ ସେ ହେବ (ପଦ୍ୟ) | ୧୬୭ |
| ୧୯. | ଚିତ୍ର ଦେଖ ଓ କୁହ | ୧୭୪ |

ପାଠ - ୧

## ଚିତ୍ର ଦେଖି ଗପ କୁହ


45GRNJ

ଚିତ୍ର-୧



ଚିତ୍ର-୨

ଗାଆଁରେ ସକାଳ





ଚିତ୍ର -୩

ଯାନବାହନର ନାମ କୁହ ।



ଏଥିରେ ତୁମେ କୁଆଡ଼େ ଯାଇପାରିବ କୁହ ।

ଚିତ୍ର -୪




ଚିତ୍ର-୫





ଏଠି ଛଅଟି ତଫାତ୍ ଅଛି । ମୁଁ ________ ଟି ବାହାର କଲି ।

ଚିତ୍ର - ୬ - ଏଠି ହରିଣ ଚିତ୍ର ଅଛି । ଏହାକୁ ଦେଖି ଚିତ୍ର ଦୁଇଟି ସମ୍ପୂର୍ଣ୍ଣ କର ।



## ଅଭ୍ୟାସ

**୧। ପଢ଼ ଓ ଲେଖ ।**

| | | | | | |
|---|---|---|---|---|---|
| ପତାକା | | ବାଳକ | | ବୁଢ଼ା | |
| କୃଷକ | | ନଡ଼ିଆ | | କୂଅ | |
| ଘର | | ପାହାଡ଼ | | | |

**୨। ଗାଆଁରେ ସକାଳ ଚିତ୍ର ଦେଖି କୁହ ।**

(କ) ଚିତ୍ରରେ ବୁଢ଼ାଟି କେଉଁଠି ବସିଛି ?

(ଖ) ସୂରୁଯ କେଉଁଠି ଦେଖାଯାଉଛି ?

(ଗ) ପିଲା ଦୁଇଟି କୁଆଡ଼େ ବାହାରିଛନ୍ତି ?

(ଘ) କୃଷକ କ'ଣ କରୁଛି ?

ଚିତ୍ର ଦେଖି ଏପରି ପ୍ରଶ୍ନ ସାଙ୍ଗମାନଙ୍କ ସହ ପଚରାପଚରି ହୁଅ ।

**୩। ଚିତ୍ର ଦେଖି ଲେଖ ।**










୪। ବଳଦ କ'ଣ କ'ଣ ଖାଇ ହଳ କରିବାକୁ ଯିବ ?


ଯେପରି – ଦାନା, ______ ______ ______ ______

୫। ଚିତ୍ରକୁ ରଙ୍ଗ କର ।



୬। ରାବୁଥିବା ପକ୍ଷୀମାନଙ୍କ ନାମ କୁହ, ଯେପରି – କୋଇଲି

୭। ଦିଆଯାଇଥିବା ଚିତ୍ରକୁ ଦେଖି ଏଥିରେ କ'ଣ ନାହିଁ ତାକୁ ଅଙ୍କନ କର ।



පାଠ - ୧

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

*ପିରିୟଡ଼ ସଂଖ୍ୟା - ୨୮*

କ'ଣ ଶିଖିବେ -

ଭାଷା : ଶ୍ରବଣ, କଥନ, ପ୍ରଶ୍ନର ଉତ୍ତର ଦେବା, ବୁଝିବା ଦକ୍ଷତା

ପରିବେଶ – ଗାଆଁରେ ସକାଳର ଚିତ୍ର ମାଧ୍ୟମରେ ସକାଳ ଓ ପରିବେଶ ସହିତ ପୂର୍ବ ବର୍ଷର ପାଠର ଆଲୋଚନା ।

**ଚିତ୍ର –୧ :** ପିଲାମାନେ ନିଜେ ନିଜେ ଚିତ୍ର ଦେଖି ଗପ ତିଆରି କରିବେ । ସେଗୁଡ଼ିକୁ ଶ୍ରେଣୀରେ ଜଣକ ପରେ ଜଣେ କହିବାକୁ ଶିକ୍ଷକ କହିବେ ।

**ଚିତ୍ର –୨**

- 'ଗାଆଁରେ ସକାଳ'କୁ ମନୋଯୋଗ ଦେଇ ଦେଖିବେ ।
- ନିଜ ନିଜ ମଧ୍ୟରେ ଚିତ୍ର ସମ୍ପର୍କରେ ଆଲୋଚନା କରିବେ ।
- ପ୍ରତ୍ୟେକ ଚିତ୍ରକୁ ଦେଖିବାସହ ପୂରା ଚିତ୍ରକୁ ଦେଖିବେ ।
- ଶିକ୍ଷକ ଚିତ୍ରରୁ ପ୍ରଶ୍ନ ପଚାରିବାସହ ସେ ସମ୍ପର୍କିତ ପ୍ରଶ୍ନ ନିଜେ ତିଆରି କରିବେ ।
- ପିଲାମାନେ ନିଜ ଅନୁଭୂତିରୁ ସକାଳର ଦୃଶ୍ୟ ସମ୍ପର୍କରେ ବର୍ଣ୍ଣନା କରିବେ ।
- ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କ'ଣ କ'ଣ କରନ୍ତି ବର୍ଣ୍ଣନା କରିବାସହ ଅଭିନୟ ମଧ୍ୟ କରିବେ ।
- ପିଲାମାନେ ପଶୁପକ୍ଷୀଙ୍କୁ ଚିତ୍ରରେ ଚିହ୍ନିବାସହ ଅନ୍ୟ କେଉଁସବୁ ପଶୁପକ୍ଷୀଙ୍କୁ ଚିହ୍ନିଛନ୍ତି ସେ ବିଷୟ ଶିକ୍ଷକ ପଚାରିବେ ।
- ଘର ଓ ବାହାର ପରିଷ୍କାର ରଖିବା ବିଷୟରେ ଆଲୋଚନା କରିବେ ।
- ଚିତ୍ରରେ ପିଲାମାନେ ପାଠ ପଢ଼ିବାକୁ ଯାଉଛନ୍ତି । ପାଠପଢ଼ା ସମ୍ପର୍କରେ ଅଲୋଚନା କରିବେ । ଏହିପରି ଚିତ୍ରରୁ ବିଭିନ୍ନ ବିଷୟରେ ଆଲୋଚନା ହେବ ।

**ଚିତ୍ର –୩-୪ :** ଚିତ୍ର ଦେଖିବେ । କେଉଁ କେଉଁ ଯାନବାହନରେ ସେମାନେ ବସିଛନ୍ତି କହିବେ ।

**ଚିତ୍ର –୫ :** ପିଲାମାନେ ବ୍ୟକ୍ତିଗତ ଭାବରେ ୨ ନମ୍ବର ଚିତ୍ରକୁ ଦେଖିବେ । ଶିକ୍ଷକ ପିଲାଙ୍କୁ ପଚାରି ଫରକ ବାହାର କରିବେ ।

**ଚିତ୍ର – ୬ :** ହରିଣ ଚିତ୍ର ନିଜେ ବହିରେ ଅଙ୍କନ କରିବେ । ରଙ୍ଗ ଦେଇ ପାରନ୍ତି ।

**ଅଭ୍ୟାସ କାର୍ଯ୍ୟ :**

- ଚିତ୍ର ଦେଖି ସବୁପିଲାଙ୍କୁ କହିବା ପାଇଁ କୁହାଯିବ ।
- ଅଧିକ ଶବ୍ଦ ଲେଖା ଯାଇପାରେ ।
- ଚିତ୍ରରୁ ଅଧିକରୁ ଅଧିକ ପ୍ରଶ୍ନ ପଚରା ଯାଇପାରେ ।
- ପିଲାମାନେ ଜାଣିଥିବା ଅନେକ ପକ୍ଷୀଙ୍କ ନାମ ସେମାନଙ୍କଠାରୁ ଆଦାୟ କରାଯିବ ।
- ବିଭିନ୍ନ ଚିତ୍ର ସଂଗ୍ରହ କରିବା କାମ ଦିଆଯାଇପାରେ ।



ପାଠ - ୨

# କହିଲ ଦେଖି





କିଚିରିମିଚିରି ଶବଦ କରେ
ଘରେ ଘରେ ନୀଡ଼ ରଚନା କରେ
କହି କି ପାରିବ ତା' ନାମ ପିଲେ ?



ଘର ଜଗୁଥାଏ ଦୁଆରେ ବସି
ସେ ଥିଲେ ଘରେ କେ ପାରେନା ପଶି
ଅଜଣା ଲୋକଙ୍କୁ ଦେଖଇ ଯେବେ
ତଡ଼ି ନିଏ କିଏ କୁହ ତ ଏବେ ?


କା' କା' କରି ସିଏ ରାବଇ
ନିଦରୁ ଆମକୁ ଦିଏ ଉଠାଇ
କିଏ ସେ କହିବ ତା' ନାମ ଭାଇ ?



অমৃত সমান ক্ষীরটি তা'র

ଅମୃତ ସମାନ କ୍ଷୀରଟି ତା'ର
ଖାଇବାକୁ ସର ଅତି ମଧୁର
କ୍ଷୀର ଦେଇ ସିଏ ପାଳେ ଆମକୁ
କିଏ ସେ କହିବ ତା'ର ନାମକୁ ?






ଶାଗୁଆ ଅଟଇ ଦେହଟି ତା'ର
ନାଲି ଅଣ୍ଟ ତା'ର କି ମନୋହର
କହି କି ପାରିବ ନାମ ତାହାର ?



 କୁହୁକୁହୁ ରାବେ ବଡ଼ ସରାଗେ
ଉଡ଼ି ବୁଲୁଥାଏ ଆମରି ଆଗେ
କଳା ଦେହ ସିନା ସ୍ୱର ମଧୁର
କହି କି ପାରିବ ନାମ ତାହାର ?

# ଅଭ୍ୟାସ


୧. ଚିତ୍ର ଦେଖି ପକ୍ଷୀମାନଙ୍କ ନାମ କୁହ ।



## ୨. ଚିତ୍ର ଦେଖି କାହାର ମୁହଁ ଲେଖ ।















### ୩. ଗାର ଟାଣି ଚିତ୍ର ସହ ଯୋଡ଼ ।

| | |
|---|---|
|  | ମୟୂର |
|  | କାଉ |
|  | ହଂସ |
|  | ଭାଲୁ |
|  | ପେଚା |
|  | ବାଘ |
|  | ପାରା |

୪। କୁହ ଓ ଲେଖ

(କ) କେଉଁକେଉଁ ପକ୍ଷୀର ରଙ୍ଗ କଳା ?

(ଖ) କେଉଁକେଉଁ ପକ୍ଷୀର ରଙ୍ଗ ଧଳା ?

୫। କିଏ କେତେ ଉପରକୁ ଉଡ଼ି ପାରିବ । ତଳେ ଥିବା ଜାଗାରେ '✔' ଦିଅ ।







| | | |
|---|---|---|
| ବରଗଛ | ଚାଳଘର | ତାଳଗଛ |
| ବାଡ଼ | ପିଜୁଳିଗଛ | ଖଜୁରୀଗଛ |
| ବିଜୁଳିତାର | ସଜନାଗଛ | ମେଘ ପାଖକୁ |

୬। ପାଠରେ 'କ' ଅକ୍ଷର ବ୍ୟବହାର ହୋଇଥିବା ଶବ୍ଦ ତଳେ ଗାର ଦିଅ ଓ ଶବ୍ଦଟି ଲେଖ ।

ଯଥା – କିଚିରି,

_____, _____, _____, _____, _____, _____

୭। କିଏ କେମିତି ରାବେ ଲେଖ ।


କିଚିରିମିଚିରି

କା' କା'

କୁହୁକୁହୁ

ଘୁମୁଘୁମୁ

୮। ତୁମର କେତେଜଣ ସାଙ୍ଗଙ୍କ ନାମ ଗୋଲ ଭିତରେ ଲେଖାଯାଇଛି । ସେମାନଙ୍କ ନାମର ପ୍ରଥମ ଅକ୍ଷର ଯେଉଁ ପଶୁପକ୍ଷୀଙ୍କ ନାମରେ ଅଛି, ତାହାକୁ ଗାର ଦେଇ ଯୋଡ଼ ।




୯। ତୁମ ଚାରିପାଖେ ଥିବା ପକ୍ଷୀମାନଙ୍କୁ ଦେଖ । ବହିରେ ଦିଆଯାଇଥିବା ଗୀତ ଭଳି ତୁମେ ପଶୁପକ୍ଷୀଙ୍କୁ ନେଇ ଗୀତ ସଂଗ୍ରହ କର ।

୧୦। ଚିତ୍ର ଦେଖ ଓ କୁହ –

ଏ ଚିତ୍ରରୁ କୋଇଲି କିଏ ତା' ଚାରିପଟେ ଗୋଲ୍ ବୁଲାଅ ।



୧୧। ମୁଁ କିଏ କୁହ ଓ ଲେଖ ।

(କ) ବେକରେ ମୋର ନାଲି ଗାର
ଲଙ୍କା ଖାଇବା ସଉକି ମୋର ।

(ଖ) କୁଲା ଭଳିଆ କାନ ମୋର
ପାଦ ମୋଟ ମୋଟ
ଘର ପରି ଦେହଟି ଦିଶେ
ଆଖି ଦୁଇଟି ଛୋଟ ।

(ଗ) "ଗାତରେ ମୁଁ ଘର କରେ
ମୁହଁରେ ଥାଏ ନିଶ
ଘରକୁ ମୁଁ ଆସେ ଯଦି
ଜିନିଷ କରେ ନାଶ ।"

ପାଠ - ୨

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୩୧

**କ'ଣ ଶିଖିବେ -**

**ଭାଷା :** ଧନ୍ଦା ବୁଝିବେ, ଆବୃତ୍ତି କରିବେ, ସରଳ ପଦ୍ୟକୁ ଉଚ୍ଚ ସ୍ୱରରେ ପଢ଼ିବେ। ପରିଚିତ ଶବ୍ଦକୁ ପଢ଼ିବା ଓ ଲେଖିବା ଦକ୍ଷତା ବୃଦ୍ଧି ପାଇବ ।

**ପରିବେଶ:** ବିଭିନ୍ନ ପଶୁପକ୍ଷୀଙ୍କୁ ଚିହ୍ନବାସହ ପଶୁପକ୍ଷୀଙ୍କ ସ୍ୱର ଚିହ୍ନିବେ ।

- ☐ ପ୍ରଥମେ ଶିକ୍ଷକ ଧନ୍ଦାଗୁଡ଼ିକ କ୍ରମରେ ଆବୃତ୍ତି କରିବେ ଓ ତାଙ୍କ ସହିତ ପିଲାମାନେ ମଧ୍ୟ ଆବୃତ୍ତି କରିବେ । ତା'ପରେ ଶିକ୍ଷକ ଗୋଟିଏ ଗୋଟିଏ ଧନ୍ଦା ଆବୃତ୍ତି କରିବେ ଓ ସମସ୍ତପିଲା ଏକାଥରକେ ଶୁଣିବେ ।
- ☐ ଜଣଜଣକରି ଉତ୍ତର ଦେବାପାଇଁ ଶିକ୍ଷକ ପିଲାମାନଙ୍କୁ କହିବେ ।
- ☐ ଶିକ୍ଷକ ନିଜ ମନରୁ ଧନ୍ଦା ତିଆରି / ସଂଗ୍ରହକରି ପଚାରି ପାରିବେ ।
- ☐ ପିଲାମାନଙ୍କୁ ଦୁଇ ଦଳକରି ଧନ୍ଦାଗୁଡ଼ିକ ପଚରାପଚରି ହେବା ପାଇଁ କହିବେ ।
- ☐ ଏହିପରିଭାବେ ବିଭିନ୍ନ ପଶୁପକ୍ଷୀଙ୍କୁ ଚିହ୍ନାଇବା କାମ କରିବେ ।
- ☐ ପିଲାମାନଙ୍କୁ ଧନ୍ଦା ସଂଗ୍ରହ କାମ କରିବାକୁ ଦେବେ ।

**ଅଭ୍ୟାସ**

- ☐ ପିଲାମାନଙ୍କୁ ବ୍ୟକ୍ତିଗତ ଭାବରେ ସୂଚନା ଅନୁସାରେ ଅଭ୍ୟାସ କରିବାକୁ ଶିକ୍ଷକ କହିବେ ଓ ସେଗୁଡ଼ିକୁ ଆଲୋଚନା କରିବେ ।
- ☐ ପିଲାଙ୍କ ଅନୁମାନ ଦକ୍ଷତା ବୃଦ୍ଧି କରିବାକୁ ଦିଆଯାଇଛି ।
- ☐ ଅଧିକରୁ ଅଧିକ ପିଲାଙ୍କଠାରୁ ଉତ୍ତର ଆଦାୟ କରାଯାଇପାରେ ।
- ☐ ପିଲାଙ୍କୁ ଧନ୍ଦା ଲେଖିବାକୁ ଉତ୍ସାହିତ କରାଯାଇପାରେ ।
- ☐ ଏମିତି ଅନେକ ଚିତ୍ର ଚିହ୍ନିବାପାଇଁ ଦିଆଯାଇପାରେ ।
- ☐ ଏମିତି ଅନେକ ଗୀତ ପିଲା ଓ ଶିକ୍ଷକଙ୍କଦ୍ୱାରା ରଚନା କରାଯାଇପାରେ ଓ ଶ୍ରେଣୀରେ ପଚରାପଚରି କାମ ଉପରେ ଗୁରୁତ୍ୱ ଦିଆଯାଇପାରେ ।

ପାଠ - ୩

# ଚାଲ, ଘର କରିବା


45ZIRU

ବିପ୍ଳବ ଓ ପ୍ରହ୍ଳାଦ ଦୁଇ ସାଙ୍ଗ । ବିପ୍ଳବର ବଗିଚାରେ ଦୁହେଁ ବୁଲୁଥିଲେ । କିଛି ଲୋକ ଗୋଟିଏ ବଡ଼ ଗଛ ତଳେ ଠିଆ ହୋଇଥିବାର ସେମାନେ ଦେଖିଲେ । ସେମାନେ ସେ ଗଛରେ ଥିବା ପକ୍ଷୀମାନଙ୍କୁ ବହୁତ ଭଲ ପାଉଥିଲେ ।




ବିପ୍ଳବ କହିଲା, "ସେଠାରେ ଭିଡ଼ କାହିଁକି ହୋଇଛି ?" ପ୍ରହ୍ଳାଦ କହିଲା, "ଚାଲ, ସେଠାକୁ ଯାଇ ଦେଖିବା ।" ଦୁହେଁ ସେଠାକୁ ଗଲେ । ଲୁଚିକରି ସେମାନଙ୍କ କଥା ଶୁଣିଲେ । କଥା ଶୁଣି ଦୁହେଁ ଡରିଗଲେ ।

ଆରେ, ଏମାନେ ତ ଆମ ଗଛକୁ କାଟିଦେବେ । ବରଷା ଦିନ ଆସୁଛି । ପକ୍ଷୀମାନେ କରିବେ କ'ଣ ? ଘର ଭାଙ୍ଗିଯିବ । ବିଚରାମାନେ ରହିବେ କେଉଁଠି ? ଶୋଇବେ କେଉଁଠି ? ଛୁଆ ପାଳିବେ କେମିତି ?



ଏ ସବୁ ଶୁଣି ପ୍ରହ୍ଲାଦ କହିଲା, "ମୁଁ ବନବିଭାଗ ଅଫିସ୍‌କୁ ଯାଉଛି । ସେଠି ଖବର ଦେବି । ମୁଁ ଆସିବାଯାଏଁ ତୁ ଏମାନଙ୍କୁ ଅଟକାଇ ରଖିବୁ । ଗଛ କାଟିବାକୁ ଦେବୁନାହିଁ ।" ବିପ୍ଲବର ଅକଲ୍‌ଗୁଡ୍ଡୁମ୍ ହୋଇଗଲା । କରିବ କ'ଣ ? ହଠାତ୍ ତା'ର ମାଙ୍କଡ଼ର କଥା ମନେ ପଡ଼ିଲା । ମାଙ୍କଡ଼ ପାଖକୁଯାଇ ସବୁକଥା କହିଲା ।



ଦୁହେଁ ସେଠାକୁ ଗଲେ । ଲୋକମାନେ ଗଛ କାଟିବାକୁ ସଜ ହେଉଥିଲେ । ମାଙ୍କଡ଼ ବିପ୍ଲବକୁ ତଳେ ଛିଡ଼ାହେବାପାଇଁ କହିଲା । ସେ ଗଛ ଉହାଡ଼ରୁ ସେମାନଙ୍କ ଉପରକୁ ପଥର ଫୋପାଡ଼ିଲା ।

ଏପଟେ ପ୍ରହ୍ଲାଦ ବନବିଭାଗ ଅଫିସ୍‌ରେ ପହଞ୍ଚିଲା । ସବୁକଥା କହିଲା । ସଭିଏଁ ସଙ୍ଗେସଙ୍ଗେ ଆସିଲେ । ପଥରମାଡ଼ ଖାଇ କେତେଜଣ ଘାଇଲା ହୋଇଯାଇଥିଲେ । ବନବିଭାଗର ଲୋକମାନଙ୍କୁ ଦେଖି ସେମାନେ ଦୌଡ଼ି ପଳାଇଲେ । ଆଉ କେତେଜଣ ଧରାପଡ଼ିଲେ । ପ୍ରହ୍ଲାଦ, ବିପ୍ଳବ ଓ ମାଙ୍କଡ଼ର କାମ ଯୋଗୁଁ ଗଛର କିଛି କ୍ଷତି ହେଲାନାହିଁ ।

## ଅଭ୍ୟାସ

**୧। ଗପରୁ କୁହ ।**

(କ) ପ୍ରହ୍ଲାଦ ଗଛକୁ ବଞ୍ଚାଇବା ପାଇଁ କ'ଣ ଉପାୟ କଲା ?

(ଖ) ମାଙ୍କଡ଼ର ପଥରମାଡ଼ରେ ପକ୍ଷୀମାନଙ୍କର କ'ଣ ଲାଭ ହେଲା ?

(ଗ) ବିପ୍ଳବ କାହିଁକି ମାଙ୍କଡ଼ପାଖକୁ ଯାଇଥିଲା ?

**୨। ପଢ଼ ଓ ଲେଖ ।**

ମଲ୍ଲ – _____

ପଲ୍ଲୀ – _____

ଦିଲ୍ଲୀ – _____

ଶୁକ୍ଳ – _____

କ୍ଳାନ୍ତ – _____

ଅମ୍ଳ – _____

ଆହ୍ଲାଦ – _____

୩। ଚିତ୍ର ଦେଖ ଓ ଚିତ୍ର ତଳେ ନାମ ଲେଖ ।









୪। ଗାର ଦେଇ ଶବ୍ଦ ଗଢ଼ ଓ ବାକ୍ସ ଭିତରେ ଶବ୍ଦଗୁଡ଼ିକ ଲେଖ ।

ଯେମିତି- କ୍ଲେଶ, ପଲ୍ଲବୀ

| | | |
|---|---|---|
| ମ | ଶ | ସ |
| କ୍ଲେ | କ | ବୀ |
| ଉ | ଲ୍ଲା | ଦ |
| ପ | ଲ୍ଲ | |
| ଅ | ଲ୍ଲୀ | |
| ଶ୍ଲୋ | ହ୍ଲା | |
| ଗେ | ମ୍ଲ | |
| ପ୍ର | ହ୍ଲା | |

କ୍ଲେଶ,

ପଲ୍ଲବୀ,

୫। ଠିକ୍ ଉଚ୍ଚାରଣକରି ପଢ଼ ଓ ଲେଖ ।

ପ୍ରହ୍ଲାଦ ଆହ୍ଲାଦ ଦୁଇ ସଙ୍ଗୀତ ____________________

ବଲ୍ଲରୀ ସହିତ ଗାଇଲେ ଗୀତ ____________________

ଉଲ୍ଲାସ ସେଠାରେ ମିଶିଲା ଆସି ____________________

ପଲ୍ଲୀବାସୀ ଦେଖି ହୋଇଲେ ଖୁସି ____________________

୬। ରହିବା ପାଇଁ ଘରଟିଏ ନ ଥିଲେ କ'ଣ ସବୁ ଅସୁବିଧା ହେବ ? ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

______________________________________________

______________________________________________

______________________________________________

୭। ପ୍ରହ୍ଲାଦ ବନବିଭାଗକୁ ଯାଇ ଗଛକୁ ରକ୍ଷାକଲା । ତୁମେ ସେଇଠି ଥିଲେ ଗଛକୁ କିପରି ରକ୍ଷା କରିଥା'ନ୍ତ ଲେଖ ।

______________________________________________

______________________________________________

______________________________________________

୮। ଜୋର୍‌ରେ ବରଷା ହେଲେ ନିଜେ ନିଜକୁ ରକ୍ଷା କରିବା ପାଇଁ କିଏ କେଉଁଠିକି ଯିବେ ଲେଖ ।

ମଣିଷ ________________

କୁକୁର ________________

ମୟୂର ________________

ଘରଚଟିଆ ________________

ସାପ ________________

ବେଙ୍ଗ ________________

୯। ବାୟାଚଢ଼େଇ ନିଜ ଘର ଘାସ ଓ କୁଟାରେ ତିଆରି କରେ । ତୁମ ଘର କେଉଁଥିରେ ତିଆରି ହୋଇଛି ଲେଖ ।

________________________________

________________________________

୧୦। ତୁମେ କେଉଁସବୁ ଜାଗାରେ ପକ୍ଷୀବସା ଦେଖିଛ ?

________________________________

________________________________

୧୧। 'ଘର' କହିଲେ ଯେଉଁ ସବୁ କଥା ତୁମ ମନକୁ ଆସୁଛି ଲେଖ ।
୧୧। 'ଘର' କହିଲେ ଯେଉଁ ସବୁ କଥା ତୁମ ମନକୁ ଆସୁଛି ଲେଖ ।



ଯେପରି - ଘର ଆମକୁ ଖରା ବରଷାରୁ ରକ୍ଷା କରେ ।

ପାଠ - ୩

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୩୩

**କ'ଣ ଶିଖିବେ -**

**ଭାଷା :**
- ☐ ଳ-ଫଳା ଓ ଲ-ଫଳା ଚିହ୍ନଟ କରିବେ ।
- ☐ ଜଣାଶୁଣା ଶବ୍ଦକୁ ଶ୍ରୁତଲିଖନରେ ଲେଖିବେ ।
- ☐ ଠିକ୍ ବନାନସହ ଶବ୍ଦ ଓ ବାକ୍ୟ ଲିଖନ ଦକ୍ଷତା ବୃଦ୍ଧି ହେବ ।

**ପରିବେଶ :** **ବାସଗୃହ ଯେ ଏକ ମୌଳିକ ଆବଶ୍ୟକତା ତାହା ବୁଝିବେ ।**

ପ୍ରଥମେ ଶିକ୍ଷକ ଗପଟିକୁ କହିବେ । ଗପ କହିବାସମୟରେ ଯଥା ସ୍ଥାନରେ ଚିତ୍ର ଦେଖାଇବେ । ଅଙ୍ଗଭଙ୍ଗୀ କରିବେ । ସ୍ୱରର ଉତ୍‌ଥାନପତନ କରିବେ ।

- ☐ ଳ-ଫଳା, ଲ-ଫଳା ଥିବା ବାକ୍ୟକୁ କଳାପଟାରେ ଲେଖିବେ । ତା'ପରେ ଧାଡ଼ି ତଳେ ଆଙ୍ଗୁଠିଦେଇ ବାରମ୍ବାର ପଢ଼ିବେ । ବାକ୍ୟ ପରେ ଶବ୍ଦ, ଶବ୍ଦରୁ ଅକ୍ଷର ପିଲାଙ୍କୁ ଚିହ୍ନାଇବେ ।
- ☐ ପ୍ରତ୍ୟେକ ଚିତ୍ରସମ୍ପର୍କରେ ଆଲୋଚନା କରିବାକୁ ଦେବେ ଓ ତା' ସମ୍ପର୍କରେ ପ୍ରଶ୍ନ ପଚାରିବେ । ପ୍ରଶ୍ନ ପଚରାପଚରି ହେବା ପାଇଁ କହିବେ ।
- ☐ ଗଛ କାଟିବା ନାହିଁ-ଏ ବିଷୟରେ ଆଲୋଚନା କରିବେ । (ପରିବେଶ ସଂରକ୍ଷଣ)
- ☐ ଗଛ କିପରି ପଶୁପକ୍ଷୀଙ୍କ ବାସଗୃହ, ସେ ସମ୍ପର୍କରେ ଆଲୋଚନା କରିବେ ।
- ☐ ଶିକ୍ଷକ ନିଜେ ମଧ୍ୟ ବାକ୍ୟ ଗଠନକରି ଳ-ଫଳା, ଲ-ଫଳା ଚିହ୍ନାଇ ପାରିବେ ।

**ଚିତ୍ର -୧ : କେବଳ ଚିତ୍ର ଦେଖି ପିଲା ପଢ଼ିବେ ।**

**ଅଭ୍ୟାସ କାର୍ଯ୍ୟ :**

- ☐ ଗପରୁ ଅନେକ ପ୍ରଶ୍ନ କରାଯାଇପାରେ ।
- ☐ ଳ-ଫଳା, ଲ-ଫଳା ଥାଇ ଅଧିକ ଶବ୍ଦ ସଂଗ୍ରହ କରିପାରିବେ ।
- ☐ ବିଭିନ୍ନ ଚିତ୍ର ସଂଗ୍ରହ କରିବେ ।
- ☐ ବିଭିନ୍ନ ପୁସ୍ତକରୁ କବିତା ସଂଗ୍ରହକରି ବନାନ ଶୁଦ୍ଧିପାଇଁ କହିବେ ।
- ☐ ପରିବେଶ ସଂପର୍କରେ ଅଧିକ ପ୍ରଶ୍ନ କରିପାରିବେ ।
- ☐ ନିଜ ଅନୁଭୂତିରୁ ପିଲାଙ୍କୁ ଲେଖିବାକୁ, କହିବାକୁ ଦିଆଯିବ ।
- ☐ ନିଜ ଘର ସମ୍ପର୍କିତ ବାକ୍ୟ ଯଥା — ଘରେ ଆମେ ପାଠ ପଢୁ, – ଆମେ ଏକାଠି ରହୁ । ଏ ସମ୍ପର୍କରେ ପିଲା କହୁଥିବା ସମସ୍ତ ବାକ୍ୟ ଗ୍ରହଣଯୋଗ୍ୟ ହେବ ।
- ☐ ସମସ୍ତ ଅଭ୍ୟାସ କାର୍ଯ୍ୟର ଉତ୍ତର ଶ୍ରେଣୀରେ ଆଲୋଚନା କରାଯିବ ।

ପାଠ - ୪

# ହାଇଓ ସମୁଦି

ଦ୍ୱିପହର ବେଳା ହୋଇଥାଏ । ହନୁବଇଦ ଖଟରେ ଶୋଇଥାଏ । ସମୁଦି ଗଧିଆଙ୍କ କଥା ତା'ର ମନେ ପଡ଼ିଲା । ସମୁଦିଘରକୁ ବହୁତ ଦିନ ହେଲା ଯାଇନାହିଁ । ଭାବିଲା, ସମୁଦି ଘର ଆଡ଼ୁ ବୁଲି ଆସିବ । ସମୁଦିଘରକୁ ଗଲା । ଦ୍ୱାରରେ ଠକ୍‌ଠକ୍ କଲା । ଗଧିଆ ଧୀର ସ୍ୱରରେ 'ହଁ' କହିଲା । ଠକ୍‌ଠକ୍ ଶୁଣି ଦ୍ୱାର ଖୋଲିଲା ।

469ETH



ହନୁବଇଦ ତା' ମୁହଁ ଦେଖି ପଚାରିଲା, "କ'ଣ ହୋଇଛି ସମୁଦି ? ତୁମର ମୁହଁ ଶୁଖିଲା ଦିଶୁଛି ।" ଗଧିଆ କହିଲା, "କିଛିଦିନ ହେଲା ଜ୍ୱର ହେଉଛି ।" ଜ୍ୱର ହେବାର କାରଣ ବିଷୟରେ ହନୁବଇଦ ପଚାରିଲା ।



ଗଧିଆ କହିଲା, "କ'ଣ କହିବି ସମୁଦି ! ବିଲେଇନାନୀର ମିଠା ଦୋକାନକୁ ଯାଇଥିଲି । ସେଠି ମିଠା, ସିଙ୍ଗଡ଼ା ଓ ଆଳୁଚପ୍ ଖାଇଲି । ସେଗୁଡ଼ାକ ବାସି ଜିନଷ । ଖରାପ ହୋଇଯାଇଥିଲା । ବିଲେଇନାନୀର ସରାଗ ଦେଖି ମନା କରିପାରିଲିନାହିଁ । ଖାଇଦେଲି ସିନା, ଘରକୁ ଫେରିଲାପରେ ପେଟ ଖରାପ ହୋଇ ଝାଡ଼ା ହେଲା । ତା'ପରଠୁ ତ ଜ୍ୱର । ସେଥିରେ ଆଗରୁ ଥିବା ଶ୍ୱାସରୋଗ ବାହାରି ପଡ଼ିଲା । ଭାରି ଧଇଁସଇଁ ଲାଗୁଛି ।"

ହନୁବଇଦ ସବୁଶୁଣିଲା । ଔଷଧ ଦେଲା । ଆଶ୍ୱାସନା ଦେଇ କହିଲା, ଡରନା, ତୁମର କିଛି ହେବ ନାହିଁ । ହନୁର ଔଷଧରେ ଗଧିଆର ଭାରି ବିଶ୍ୱାସ । ହନୁବଇଦ କହିଲା, ସମୁଦି କଥାଟିକୁ ଗଣ୍ଠି ପକାଇ ମନେରଖ –

"ଖାଇବାଦରବ ପଚାସଢ଼ା ବାସି
ଭଣଭଣ କରି ମାଛି ଥିବେ ବସି
ଭୋକରେ ପଛକେ ଜୀବନ ହାରିବ
ସେପରି ଦରବ କେବେ ନ ଖାଇବ ।"

## ଅଭ୍ୟାସ

୧। ଗପରୁ କୁହ ।

(କ) ହନୁବଇଦ ଖଟରେ ଶୋଇ କାହା କଥା ମନେ ପକାଇଲା ?

(ଖ) ଗଧିଆକୁ କାହିଁକି ଜ୍ୱର ହେଲା ?

(ଗ) ହନୁବଇଦ ଗଧିଆକୁ କି ଉପଦେଶ ଦେଲା ?

୨। ପାଠରୁ ଖୋଜି ବାହାର କର ଓ ତା'ଚାରିପଟେ ଗୋଲ୍ ବୁଲାଅ ।

ଜ୍ୱ, ସ୍ୱ, ଦ୍ୱା, ଶ୍ୱା

୩। ଶବ୍ଦ ଗଢ଼ ଓ ଠିକ୍ ଉଚ୍ଚାରଣ କରି ପଢ଼ ।

ଯଥା – ବିଶ୍ୱ

ଅ ___

ଈ ___ ର

ବି ___ ସ

୪। 'ବିଶ୍ୱ' ଶବ୍ଦରେ ଯେପରି 'ଶ' ତଳେ ('୍ୱ' ୱ ଫଳା) ଲାଗିଛି ସେପରି '୍ୱ' ଫଳା ଲଗାଇ ଶବ୍ଦ ଲେଖ।

____________________________________________

୫। ଠିକ୍ ଜାଗାରେ '୍ୱ' ଫଳା ଲଗାଇ ଗୀତଟିକୁ ପଢ଼ ଓ ଲେଖ।

ଦାରଦାର ବୁଲି  ହାଲିଆ ହେଲିଣି
ନିଃଶାସ ବହୁଛି ଖର
ମଧୁର ସୁରରେ କିପରି ଗାଇବି
ଦେହରେ ରହିଛି ଜର।

୬। କ୍ରମରେ ସଜାଡ଼ି ଲେଖ।

ଶ୍ୱାସରୋଗ ଥିଲା। ____________________
ପେଟ ଖରାପ ହେଲା। ____________________
ଔଷଧ ଖାଇଲା। ____________________
ଦ୍ୱାର ଠକ୍‌ଠକ୍ ହେଲା। ____________________
ସମୃଦ୍ଧିଘରକୁ ଗଲା। ____________________

୭। ବିଲେଇନାନୀ ଦୋକାନରେ କି କି ଜିନିଷ ମିଳୁଥିଲା ?

____________________________________________

୮। ତୁମ ଘର ପାଖରେ କେଉଁ ସବୁ ଦୋକାନ ଅଛି, ତା'ର ତାଲିକା କର।

____________ ____________ ____________

୯। କେତୋଟି ଖାଦ୍ୟର ନାମ ଲେଖି ସେଗୁଡ଼ିକ କିପରି ଖରାପ ହୋଇଯାଏ ଲେଖ ।
୯। କେତୋଟି ଖାଦ୍ୟର ନାମ ଲେଖି ସେଗୁଡ଼ିକ କିପରି ଖରାପ ହୋଇଯାଏ ଲେଖ ।

ଯେପରି – <u>ଭାତ</u> ଅଧିକ ଦିନ ରହିଲେ ବାସି ହୋଇଯାଏ ।

<u>ପାଉଁରୁଟି</u> ଖୋଲାରେ ରହିଲେ ଖଟା ବାସନା ହୁଏ ।

______________________________

______________________________

______________________________

୧୦। ବାସି ଖାଇବା ପାଇଁ ଚାହୁଁ ନାହଁ । ସେଥିପାଇଁ ତୁମେ କ'ଣ କରିବ ?
୧୦। ବାସି ଖାଇବା ପାଇଁ ଚାହୁଁ ନାହଁ । ସେଥିପାଇଁ ତୁମେ କ'ଣ କରିବ ?

______________________________

______________________________

୧୧। ବଜାରରେ ବିକ୍ରି ହେଉଥିବା କେଉଁ ସବୁ ଜିନିଷରେ ମାଛି ବସେ ସେଗୁଡ଼ିକର ନାମ ଲେଖ ।
୧୧। ବଜାରରେ ବିକ୍ରି ହେଉଥିବା କେଉଁ ସବୁ ଜିନିଷରେ ମାଛି ବସେ ସେଗୁଡ଼ିକର ନାମ ଲେଖ ।

______ , ______ , ______ , ______ , ______ ।

୧୨। ପଚାସଢ଼ା ଜିନିଷ ଖାଇଲେ ତମକୁ କେଉଁସବୁ ରୋଗ ହେବ ?
୧୨। ପଚାସଢ଼ା ଜିନିଷ ଖାଇଲେ ତମକୁ କେଉଁସବୁ ରୋଗ ହେବ ?

______ , ______ , ______ , ______ , ______ ।

ପାଠ - ୪

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୩୦

କ'ଣ ଶିଖିବେ -

ଭାଷା :

- ☐ 'ଥ୍ୱ' - ଫଳା ଚିହ୍ନଟ। 'ଥ୍ୱ' ଫଳା ଶବ୍ଦ ପଠନ, ଲିଖନ, ବାକ୍ୟକୁ ଦେଖି ଲେଖିବେ।
- ☐ ଶିଖିଥିବା ଫଳା ଠିକ୍ ଭାବରେ ଲେଖି ପାରିବେ।
- ☐ ଠିକ୍ ବନାନ୍ ସହିତ ପରିଷ୍କାର ଭାବରେ ଶବ୍ଦ, ବାକ୍ୟ ଲେଖିବେ।

ପରିବେଶ:

- ☐ ଅପରିଷ୍କାର ଖାଦ୍ୟଯୋଗୁଁ ହେଉଥିବା ରୋଗ ବିଷୟରେ ଅବଗତ ହେବେ।
  ପିଲାଙ୍କସହ ଶିକ୍ଷକ ପ୍ରଥମେ ଜ୍ୱର, ଝାଡ଼ା ଆଦି ରୋଗ ବିଷୟରେ କିଛି କଥାବାର୍ତ୍ତା କରିବେ। ପିଲାଙ୍କ ଅନୁଭୂତିକୁ ବିନିମୟ କରିବେ। ତା'ପରେ ଗପଟିକୁ କହିବେ।
- ☐ ଥ୍ୱ ଫଳା ଶବ୍ଦ ଥିବା ବାକ୍ୟ କଳାପଟାରେ ଲେଖି ଆମ ଧାରା ଅନୁଯାୟୀ ବାକ୍ୟରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନାଇବେ।
- ☐ ଶିକ୍ଷକ ନିଜେ ମନରୁ ବାକ୍ୟ ଲେଖି ଥ୍ୱ-ଫଳା ଚିହ୍ନାଇ ପାରିବେ।
- ☐ ଚିତ୍ରଗୁଡ଼ିକ ଦେଖିବାକୁ କହିବେ ଓ କ'ଣ ଦେଖୁଛନ୍ତି ଆଲୋଚନା କରିବେ।
- ☐ ବିଭିନ୍ନ ପରିସ୍ଥିତି ଉପରେ ପିଲାଙ୍କୁ ଅଭିନୟ କରିବାକୁ ଦେବେ।
- ☐ ଲୋକେ ଦେହ ଖରାପ ହେଲେ କେତେ ପ୍ରକାର ଚିକିତ୍ସା କରନ୍ତି ଅନୁଭୂତିକୁ ଆଧାର କରି ଆଲୋଚନା କରିବେ।
- ☐ ବାସିଖାଦ୍ୟର ଅପକାରିତା, ମାଛିବସାଖାଦ୍ୟର ଅପକାରିତା ବିଷୟରେ ଆଲୋଚନା ହେବା ଦରକାର।

ଅଭ୍ୟାସ

- ☐ ପ୍ରତ୍ୟେକପିଲା ଅଭ୍ୟାସକାର୍ଯ୍ୟଗୁଡ଼ିକ ଲେଖିବେ। ଶ୍ରେଣୀରେ ଶିକ୍ଷକ ଆଲୋଚନା କରିବେ।
- ☐ ପ୍ରତ୍ୟେକପ୍ରଶ୍ନ ସଂପର୍କିତ ଅଧିକରୁଅଧିକ ପ୍ରଶ୍ନ ସଂଗ୍ରହକରି ପିଲାଙ୍କୁ ଦେଇପାରିବେ।
- ☐ ପ୍ରଶ୍ନ ୮, ୯ ପରି ଅଧିକ ଭାବନା ଉଦ୍ରେକକାରୀ ପ୍ରଶ୍ନ ପଚରାଯିବା ଦରକାର।
- ☐ ପଚାସଢ଼ା ଜନିଷ କାହିଁକି ଖାଇବାନାହିଁ ସେ ବିଷୟରେ ଅଧିକ ଆଲୋଚନା କରାଯିବ।

ପାଠ - ୫


# କ୍ରିକେଟ୍ ଖେଳ

ଖରାଦିନ ସରିଆସୁଥାଏ । ବର୍ଷା ନ ଥାଏ । ଅସହ୍ୟ ଗରମ । ପର୍ବତ ପାଖ ପଡ଼ିଆରେ ବିଲୁଆ ଓ ଠେକୁଆ ବସିଥିଲେ । କ୍ରିକେଟ୍ ଖେଳ ଉପରେ ଆଲୋଚନା କରୁଥିଲେ । ବିଲୁଆ କହିଲା, ଠେକୁଆଭାଇ ଆମେ ଟିକେ କ୍ରିକେଟ୍ ଖେଳ ଖେଳିବା ନାହିଁ ! ଠେକୁଆ ତା’ କଥାରେ ହଁ ଭରିଲା ।

46IAV5



ଖେଳ ପୂର୍ବରୁ ସଭାଟିଏ ବସିବ । ଗାତରେ ରହୁଥିବା ମୂଷା ଓ ସାପକୁ ବିଲୁଆ ଖବର ଦେଲା । ପଥରଖୋଲ ଭିତରେ ରହୁଥିବା ବାଘ ଓ ଭାଲୁଙ୍କୁ ବି ଡକାଗଲା । ଗଛକୋରଡ଼ରେ ରହୁଥିବା ଶାଗୁଣା, ପେଚା, କାଠହଣା ଆଦି



ପଶୁପକ୍ଷୀଙ୍କୁ ମାଙ୍କଡ଼ ଖବର ଦେଲା । ପାଣିରେ ଥିବା ଜୀବ ବେଙ୍ଗ, କଇଁଛ, ମଗର ଓ ଚିଙ୍ଗୁଡ଼ିଙ୍କୁ କଙ୍କଡ଼ା ଖବର ଦେଲା ।


ସଭା ବସିଲା । ଖେଳ ଦିନ ଠିକ୍ ହେଲା । ବିଲୁଆ ଗୋଟାଏ ଦଳର କ୍ୟାପ୍‌ଟେନ୍, ଅନ୍ୟଦଳର କ୍ୟାପ୍‌ଟେନ୍ ଠେକୁଆ । ଖାଇବାପାଇଁ ବିସ୍କୁଟ୍ ଓ ସର୍ବତର ଯୋଜନା ହେଲା । ଭାଲୁ କହିଲା, ବିଜୟୀ ଦଳକୁ କ'ଣ ପୁରସ୍କାର ଦେବା ? ହାତୀ କହିଲା, ଦର୍ପଣ ଦେବା ।



ଘରଚଟିଆ ସର୍ବତ ତିଆରି କରିବା ପାଇଁ କହିଲା । ଭାଲୁ, ବିସ୍କୁଟ୍ ଓ ଦର୍ପଣ କିଣିବାର ଦାୟିତ୍ୱ ନେଲା । ମୂଷା ବ୍ୟାଟ୍ ତିଆରି କଲା । ତାକୁ କାଠହଣା ଚଢ଼େଇ ସାହାଯ୍ୟ କଲା । ବଣି ବଲ୍‌ଟିଏ ଆଣିଲା । ଦୁଇଦଳ ଜୋର୍‌ସୋର୍‌ରେ ଖେଳ ଅଭ୍ୟାସ କଲେ । ପ୍ରତିଦିନ ବ୍ୟାୟାମ କଲେ । ଖେଳଦିନ ସକାଳୁ ଭାଲୁ ସ୍କୁଟର ଧରି ବିସ୍କୁଟ୍ ଓ ଦର୍ପଣ ଆଣିବାକୁ ଗଲା ।



ଠେକୁଆଦଳ ବୋଲିଂ କଲେ । ବିଲୁଆଦଳ ବ୍ୟାଟିଂ କଲେ । ଅନ୍ୟମାନେ ଖେଳ ଦେଖିଲେ । ପ୍ରଥମ ବଲ୍‌ରେ ବିଲୁଆଦଳର ଜଣେ ଆଉଟ୍ ହେଲା । ଠେକୁଆଦଳ ଓ



ଅନ୍ୟମାନେ ଖୁସିରେ ତାଳି ମାରିଲେ । ବାଦ୍ୟ ବଜାଇଲେ । ଆଉ ଗୋଟିଏ ବଲ୍‌ରେ ବିଲୁଆଦଳରୁ ଜଣେ ଛକା ମାରିଲା । ବଲ୍‌ଟି ଯାଇ ଗାତରେ ପଡ଼ିଲା । ସାପ ଗାତ ଭିତରୁ ବଲ୍ ଆଣିଲା । ଖେଳ ସରିଆସୁଥାଏ । ଭାଲୁର ଦେଖା ନ ଥାଏ । ଘରଚଟିଆ ତାକୁ ଖୋଜିବାକୁ ଗଲା ।

ଠେକୁଆଦଳ ଛଅ ୱିକେଟରେ ଖେଳ ଜିତିଲେ । ଖୁସିରେ ଗୀତ ଗାଇଲେ । ବାଦ୍ୟ ବଜାଇଲେ । ତା'ପରେ ଅନ୍ୟମାନେ ନିଜ ନିଜ ଘରକୁ ଫେରିଗଲେ ।

## ଅଭ୍ୟାସ

**୧। ପଠିତ ଗପରୁ କୁହ ।**

(କ) ଖେଳ ପୂର୍ବରୁ ବିଲୁଆ ଓ ଠେକୁଆ କାହିଁକି ସଭା ଡାକିଲେ ?

(ଖ) ସଭାରେ କେଉଁ ସବୁ କଥା ଆଲୋଚନା କଲେ ?

(ଗ) ଭାଲୁକୁ କେଉଁ ଦାୟିତ୍ୱ ଦିଆଗଲା ?

(ଘ) କେଉଁ ଦଳ ଖେଳ ଜିତିଲେ ?

**୨। ଠିକ୍‌ଭାବରେ ପଢ଼ ।**

ପୁରସ୍କାର, ବିସ୍କୁଟ୍, ତିରସ୍କାର, ଆସ୍କା, ସ୍କୁଟର, ଦର୍ପଣ, ପର୍ବତ, ପୂର୍ବ, ସର୍ବତ, ବର୍ଷା, ବିଦ୍ୟାଳୟ, ପଦ୍ୟ, ଖାଦ୍ୟ, ବ୍ୟାୟାମ ।

**୩। ପଢ଼ ଓ ଲେଖ ।**

| | | |
|---|---|---|
| ସ୍କେଲ୍ ______ | ସତ୍ୟ ______ | ବର୍ଷ ______ |
| ସ୍କୁଲ୍ ______ | ଅଭ୍ୟାସ ______ | ସର୍ପ ______ |
| ନମସ୍କାର ______ | ଗଦ୍ୟ ______ | ଗର୍ବ ______ |
| ପୁରସ୍କାର ______ | ରାଜ୍ୟ ______ | ପର୍ବ ______ |

**୪। ଠିକ୍ ଜାଗାରେ (ʻ) ରେଫ୍, 'ୟ' ଫଳା ଓ 'ସ୍କ' ଯୁକ୍ତାକ୍ଷର ଲଗାଇ ଶବ୍ଦ ଗଢ଼ ।**

ସଂ ର, ଖବ, ବିସଜନ, କାଯ , ସୈନ , ସତ, ନମ ର, ଗବ ।

୫। ପଢ଼ ଓ ଏପରି ନିଜ ମନରୁ ଦୁଇ ଧାଡ଼ି ଲେଖ ।

ଦେଶସୀମା ଜଗେ ସୈନ୍ୟ

ଜୀବନକୁ କରେ ଧନ୍ୟ ।

ଗର୍ଜନକରି ବର୍ଷାରାଣୀ

ପର୍ବତ ପରେ ବର୍ଷେ ପାଣି ।

ଭଲକର୍ମ କଲେ ମିଳେ ପୁରସ୍କାର

ଗୁରୁଜନେ ସଦା କର ନମସ୍କାର ।

______________________________

______________________________

୬। ବିଲୁଆ କାହା କାହାକୁ ସଭାକୁ ଡାକିଥିବ ?

______________________________

୭। କଙ୍କଡ଼ା କେଉଁମାନଙ୍କୁ ସଭାକୁ ଆସିବାପାଇଁ ଖବର ଦେଲା ?

______________________________

୮। ବିଜୟୀଦଳକୁ ତୁମେ କି ପ୍ରକାର ପୁରସ୍କାର ଦେଇଥାନ୍ତ ? ସାଙ୍ଗସହ ଆଲୋଚନା କରି ଲେଖ ।

______________________________

୯। ସାପ କାହିଁକି ଗାତଭିତରୁ ବଲ୍ ଆଣିଥିବ ?

________________________________

୧୦। ଭାଲୁ କାହିଁକି ଠିକ୍ ସମୟରେ ପହଞ୍ଚି ପାରି ନ ଥିବ ?

________________________________

୧୧। ଚିତ୍ର ଦେଖି ଖାଲିଜାଗାରେ ତା'ର ନାମ ଲେଖ।

 ________________

 ________________

 ________________

 ________________

 ________________

 ________________

 ________________

## ଆମେ ଏବେ ଯାଏଁ କ'ଣ ଶିଖିଲେ

'ଲ' ଫଳା 'ଲ୍ଲ' 'ଲ' ଫଳା 'ଲ'ଫଳା 'ୱ' ଫଳା 'ୱ'
'ୟ' ଫଳା 'ୟ' ରେଫ୍ 'ର୍' 'ସ୍କ'

## ଶିକ୍ଷକ ଓ ଅଭିଭାବକଙ୍କପାଇଁ ସୂଚନା

ପାଠ - ୫

ପିରିୟଡ଼ ସଂଖ୍ୟା - ୩୫

କ'ଣ ଶିଖିବେ -


ଭାଷା :
- ☐ ('ୟ' ଫଳା) 'ୟ', (ରେଫ୍) 'ର୍' 'ସ୍କ' ଯୁକ୍ତାକ୍ଷର ଚିହ୍ନିବେ ।
- ☐ ଠିକ୍ ବନାନସହ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ☐ ଶୁଣୁଥିବା, କହୁଥିବା, ପଢୁଥିବା ଓ ଦେଖୁଥିବା ବିଷୟକୁ ଭଲ ଭାବରେ ବୁଝି ପାରିବେ ।
- ☐ ସରଳ ଅନୁଚ୍ଛେଦକୁ ପଢ଼ିବେ ।

ପରିବେଶ
- ☐ ଜୀବଜନ୍ତୁଙ୍କ ବାସସ୍ଥଳୀ ବିଷୟରେ ଜାଣିବେ ।
- ☐ ପିଲାଙ୍କସହ ଶିକ୍ଷକ ଖେଳ ବିଷୟରେ ଆଲୋଚନା କରିବେ । କ୍ରିକେଟ୍‌ଖେଳ, ଖେଳାଳି, ଖେଳୁଥିବା ଦେଶ ବିଷୟରେ ଆଲୋଚନା କଲାପରେ ପଶୁପକ୍ଷୀଙ୍କଦ୍ୱାରା କ୍ରିକେଟ୍‌ଖେଳ କିପରି ହେଲା ଗପଟି କହିବେ ।
- ☐ ଗପ କହିଲାବେଳେ ଯୁକ୍ତାକ୍ଷରଗୁଡ଼ିକ ଉପରେ ଗୁରୁତ୍ୱ ଦେବେ । ଆବଶ୍ୟକ ସ୍ଥଳେ ବାରମ୍ବାର ଉଚ୍ଚାରଣ କରିବେ ।
- ☐ ଯୁକ୍ତାକ୍ଷରଗୁଡ଼ିକ ଥିବା ଚିତ୍ର, ଉପକରଣ ଯଥା ବିସ୍କୁଟ୍‌ଖୋଳ ସଂଗ୍ରହ କରି ପିଲାଙ୍କ ଉଚ୍ଚାରଣ ସ୍ପଷ୍ଟ କରାଇବେ । କ୍ରିକେଟ୍‌ଖେଳର ଚିତ୍ରରୁ ବ୍ୟାଟ୍, କ୍ୟାପ୍‌ଟେନ୍ ଉଚ୍ଚାରଣ କରାଯାଇପାରେ ।
- ☐ କଳାପଟାରେ ଶବ୍ଦଗୁଡ଼ିକୁ ଲେଖିବେ, ପଢ଼ିବେ ଓ ଯୁକ୍ତାକ୍ଷରଗୁଡ଼ିକ ଚିହ୍ନାଇବେ ।
- ☐ ବହିରୁ ଶବ୍ଦ, ଅକ୍ଷର ପରସ୍ପର ମଧ୍ୟରେ ପଚରାପଚରି ହୋଇ ଚିହ୍ନାଇବା ପାଇଁ ଦେବେ ।
- ☐ ଚିତ୍ରଗୁଡ଼ିକ ଅଧ୍ୟୟନ କରାଇବା ସହ ପଶୁପକ୍ଷୀଙ୍କ ନାମ ପଚାରିବେ ।
- ☐ ବାସଗୃହ ଥିବା ଚିତ୍ରକୁ ଦେଖିବାକୁ ଦେବେ । ପିଲାମାନେ ମନୋଯୋଗ ଦେଇ ଦେଖିଲା ପରେ ଚିତ୍ରରେ କ'ଣ ଦେଖୁଛନ୍ତି ଆଲୋଚନା କରାଇବେ ।
- ☐ ବିଭିନ୍ନ ପଶୁ, ପକ୍ଷୀମାନଙ୍କ ବାସଗୃହ ସମ୍ପର୍କରେ ଅନୁଭୂତି ବିନିମୟ କରିବେ ।
- ☐ ଆଲୋଚନା ସମୟରେ ପଶୁପକ୍ଷୀଙ୍କ ଘରର ଆବଶ୍ୟକତା ବିଷୟରେ ଆଲୋଚନା ହେବ ।


ଅଭ୍ୟାସ:
- ☐ ବ୍ୟକ୍ତିଗତଭାବେ ଅଭ୍ୟାସକାର୍ଯ୍ୟଗୁଡ଼ିକ କରାଇ ଶ୍ରେଣୀରେ ଆଲୋଚନା କରାଇବେ ।
- ☐ ଶିକ୍ଷକ ଆବଶ୍ୟକ ସ୍ଥଳେ ବିଭିନ୍ନ ଚିତ୍ର, ଜିନିଷ ସଂଗ୍ରହକରି ପ୍ରଶ୍ନ ପଚାରିବେ ।
- ☐ ପ୍ରଶ୍ନ ୫ପରି ନିଜ ମନରୁ ଗୀତ ଲେଖିବାକୁ ଉତ୍ସାହିତ କରାଇବେ ।
- ☐ ପ୍ରଶ୍ନ ୭, ୯, ୧୦ ପରି ଅଧିକରୁ ଅଧିକ ପ୍ରଶ୍ନ ତିଆରି କରି ପଚାରିବେ ।

ପାଠ - ୬

# ହାତୀ ମାନିଲା ଏଣ୍ଡୁଅ କଥା



ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।



ହାତୀର ଖେଳକୁ ଏଣ୍ଡୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଡୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

## ଅଭ୍ୟାସ

୧। ଗୀତଟିକୁ ମନେ ପକାଇ କୁହ ।

୨। ପାଠରେ ବ୍ୟବହାର ହୋଇଥିବା 'ଣ୍ଡ' 'ଣ୍ଟ' ଅକ୍ଷରର ଶବ୍ଦ ଚାରିପଟେ ଗୋଲ ବୁଲାଅ ଓ ସେହି ଅକ୍ଷର ଥିବା ଶବ୍ଦ ଠିକ୍ ଭାବେ ଉଚ୍ଚାରଣ କର ।

୩। ଗୀତରେ ଯେଉଁ ଚିତ୍ର ଦିଆଯାଇଛି, ସେଥିରେ କିଏ କ'ଣ କରୁଛି ଲେଖ ।

ହାତୀ _______ ରେ ପାଣି ପକାଉଛି ।

ପାଣି ଦେଖି _______ ଦୌଡ଼ି ପଳେଇଲେ ।

ଆଖି ବଡ଼ ବଡ଼ କରି _______ ହାତୀକୁ ଅନେଇଛି ।

ପିଲାଟି ଦେହରେ _______ ହୋଇଛି ।

ପିଲାଟି ନିଜ ଦେହକୁ _______ ହେଉଛି ।

୪। ପଠିତ ଗୀତରୁ କୁହ ।

(କ) ହାତୀ କିପରି ଆସୁଥିଲା ?

(ଖ) ଏଣ୍ଡୁଅ ହାତୀକୁ କି ଉପଦେଶ ଦେଲା ?

(ଗ) ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

(ଘ) ଏଣ୍ଡୁଅର ଉପଦେଶ ଶୁଣି ହାତୀ କ'ଣ କହିଲା ?

୫। ତଳ ଛବି ଦେଖି ଖାଲି ଘରେ ଠିକ୍ ଅକ୍ଷରଟି ଲେଖ ।



ଏ ___ ଅ



ଗୁ___ଚି ମୂଷା



ଗେ___



ମେ___



କ___ଇ




ଷ ___




ହ___ ।


୬। ତଳେ ଦିଆଯାଇଥିବା ଶବ୍ଦରେ ହାତୀର ଶୁଣ୍ଢକୁ 'ଣ୍ଢ' ସହିତ ଓ ଏଣ୍ଡୁଅର ଲାଞ୍ଜକୁ 'ଣ୍ଡ'



ଟେଣ୍ଡା ଖଣ୍ଡଖଣ୍ଡ ଦଣ୍ଡ
ମୁଣ୍ଡ କଣ୍ଢେଇ ଷଣ୍ଢ
ତୁଣ୍ଡ ଗଣ୍ଡା ମଣ୍ଡା
ଖଣ୍ଡା ମେଣ୍ଢା ଅମୃତଭଣ୍ଡା



୭। ଆସ, ତଳେ ଦିଆଯାଇଥିବା ଅକ୍ଷରକୁ ଦେଖିବା । ସେହି ଅକ୍ଷରକୁ 'ଣ୍ଡା' ଅକ୍ଷର ସହିତ ଯୋଡ଼ି ଶବ୍ଦ ତିଆରି କରି ତଳ ଘରେ ଲେଖିବା ।




| | | | | | | | |
|---|---|---|---|---|---|---|---|
| ଅଣ୍ଡା | | | | | | | |
| | | | | | | | |

୮। ତୁମେ ତିଆରି କରିଥିବା ଶବ୍ଦକୁ ନେଇ ଧାଡ଼ିଏ ଲେଖ ।

**ଯେପରି :** ଅଣ୍ଡା : କୁକୁଡ଼ା ଅଣ୍ଡା ଦିଏ ।

୯। ତୁମେ ପିଇବା ପାଇଁ କେଉଁ ଜଳ ବ୍ୟବହାର କରିବ, ସେହି ଜାଗାରେ ଠିକ୍ ଚିହ୍ନ ( ✔ ) ଦିଅ । ସାଂଗ ସହ ଆଲୋଚନା କର ।

(କ) ଛଣା ହୋଇଥିବା ପାଣି ।

(ଖ) ଫୁଟା ହୋଇଥିବା ପାଣି ।

(ଗ) ଛଣା ହୋଇ ନ ଥିବା ପାଣି ।

୧୦। ଦୂଷିତ ଜଳ ବ୍ୟବହାର କଲେ କେଉଁ ସବୁ ରୋଗ ହେବ ଗାର ଦେଇ ଯୋଡ଼ ।

ମୁଣ୍ଡବୁଲାଇବା

ଝାଡ଼ା

ଦୂଷିତ ଜଳ ବ୍ୟବହାର କଲେ

ଟାଇଫଏଡ୍ ଜ୍ୱର

କାଛୁକୁଣ୍ଡିଆ

ବାତଜ୍ୱର

ଯାଦୁ

୧୧। ପାଣି କେଉଁ ସବୁ କାରଣରୁ ଅସନା ହୁଏ କୁହ ।

ଯେପରି — ହାତୀ ପାଣିକୁ ପାଦରେ ଘାଣ୍ଟି ଗୋଳିଆ କଲା ।

୧୨। ହାତୀ ବ୍ୟତୀତ ଆଉ କେଉଁମାନେ ପାଣି ଦୂଷିତ କରନ୍ତି ?

____________________

____________________

୧୩। ତୁମ ଘର ଲୋକେ ନଦୀ ଓ କୂଅର ଦୂଷିତ ପାଣି ବ୍ୟବହାର କରୁଥିଲେ ତୁମେ କ'ଣ କରିବ ସାଙ୍ଗମାନଙ୍କ ସହିତ ଆଲୋଚନା କର ।

## ପାଠ - ୬ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୩୦

**କ'ଣ ଶିଖିବେ –**

**ଭାଷା – 'ଣ୍ଡ', 'ଣ୍ଠ' ଯୁକ୍ତାକ୍ଷର ଶିଖିବେ ।**

- ଠିକ୍ ବନାନ ସହ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ବୁଝିପାରିବେ ।
- ସରଳ ପଦ୍ୟକୁ ଉଚ୍ଚସ୍ୱରରେ ଆବୃତ୍ତି କରିବେ ।
- ଶବ୍ଦ ଓ ବାକ୍ୟକୁ ଦେଖି ଲେଖିବେ ।
- ଜଣାଶୁଣା ଶବ୍ଦକୁ ଶିକ୍ଷକ ଡାକିବାସମୟରେ ଶୁଣି ଲେଖିବେ ।
- ପାଠଟିର ଚିତ୍ରକୁ ଦେଖିବେ । ଚିତ୍ରରେ କ'ଣ ଦେଖୁଛନ୍ତି ପଚାରିବେ । ଯୁକ୍ତାକ୍ଷରଗୁଡ଼ିକର ଉଚ୍ଚାରଣକୁ ସ୍ପଷ୍ଟ କରାଇବେ ।
- ଗୀତଟିକୁ ପଢ଼ିବେ । ପିଲାଙ୍କଦ୍ୱାରା ଆବୃତ୍ତି କରାଇବେ ।
- ଗୀତର ପଦ, ଶବ୍ଦ, ଅକ୍ଷର ଚିହ୍ନାଇବେ ।
- ଚିତ୍ରରୁ ଶବ୍ଦ ଚିହ୍ନାଇବା ପାଇଁ କହିବେ ।
- ଗୀତରୁ ଶବ୍ଦ ଓ ଅକ୍ଷରଗୁଡ଼ିକ ବାହାର କରିବାପାଇଁ ଦେବେ ।

**ପରିବେଶ – ଅପରିଷ୍କାର ଜଳରୁ ରୋଗ ହୁଏ ବୋଲି ଜାଣିବେ ।**

- ଏଣ୍ଡୁଅ କହିଲା ହେ ହାତୀଭାଇ........ ହେବେ କଲବଲ ପଦ ଏବଂ ପିଲାଟିର କାଛୁକୁଣ୍ଡିଆ ଚିତ୍ରରୁ ଅପରିଷ୍କାର ଜଳ ସଂପର୍କରେ ବୁଝାଇ ଆଲୋଚନାକୁ ଆଗେଇ ନେବେ ।
- ଅପରିଷ୍କାର ଜଳ ଓ ପରିଷ୍କାର ଜଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବେ ।
- ଅପରିଷ୍କାର ଜଳରେ ବାସନକୁସନ ଧୋଇବା, ଲୁଗା ଧୋଇବା, ଗାଧୋଇବା କାମ କଲେ କ'ଣ ଅସୁବିଧା ହେବ ଦଳରେ ଆଲୋଚନା କରାଇବେ ଓ ନିଜେ ଆଲୋଚନା କରିବେ ।

**ଅଭ୍ୟାସ:**


- ବ୍ୟକ୍ତିଗତ ଭାବରେ ଅଭ୍ୟାସକାର୍ଯ୍ୟଗୁଡ଼ିକକରି ଶ୍ରେଣୀରେ ଆଲୋଚନା କରାଇବେ ।
- ସୂଚନା ଅନୁସାରେ ଅଭ୍ୟାସକାର୍ଯ୍ୟ କରିବେ ।
- ଆବଶ୍ୟକସ୍ଥଳେ ଶିକ୍ଷକ ଅଧିକ ପ୍ରଶ୍ନ ତିଆରିକରି ପିଲାଙ୍କଦ୍ୱାରା ଅଭ୍ୟାସକାର୍ଯ୍ୟ କରାଇବେ ।

ପାଠ - ୭

# ଆସ ବୁଲିଯିବା ଭଟ୍ଟାରିକା

ଦୁଷ୍ମନ୍ତ ବାବୁଙ୍କ ଘର ଆଠଗଡ଼ । ପାଖରେ ଭଟ୍ଟାରିକା ଠାକୁରାଣୀ ପୂଜା ପାଆନ୍ତି । ସେଥିପାଇଁ ଭଟ୍ଟାରିକା ବୁଲିଯିବା ପାଇଁ ସେ ଯୋଜନା କଲେ । ଦୁଷ୍ମନ୍ତ

4722YF





ବାବୁ ନାତିନାତୁଣୀଙ୍କ ସହ ବାହାରିଲେ । ଜିନିଷପତ୍ର ସଜାଡ଼ିଲେ । ଜେଜେଙ୍କର ଗ୍ରନ୍ଥ ନେବାକୁ ସେମାନେ ଭୁଲିଲେ ନାହିଁ ।

କାନ୍ଥଘଣ୍ଟାରେ ଚାରିଟା ବାଜିଲା । ଠିକ୍ ସମୟରେ ଗାଡ଼ି ଆସି ଅଟ୍ଟାଳିକା ଆଗରେ ରହିଲା । ସଭିଏଁ ଗାଡ଼ିରେ ବସିଲେ । ସାନପିଲାମାନେ ଜେଜେଙ୍କ ପାଖରେ ବସିବାକୁ ଜିଦ୍ କଲେ । ପାଟିତୁଣ୍ଡ ନ କରି ଶାନ୍ତିରେ ବସିବାକୁ ଜେଜେ କହିଲେ । ଗାଡ଼ି ମନ୍ଥର ଗତିରେ ଗାଁ ଦାଣ୍ଡରେ ଚାଲିଲା ।

ଜେଜେ ପିଲାଙ୍କୁ ପଚାରିଲେ, ''ଆରେ, ତୁମେ ସବୁ ଖାଇବ କ'ଣ'' ? ନାତୁଣୀ କହିଲା, ''ଜେଜେ ବାହାର ଜିନିଷ ଖାଇବା ନାହିଁ । ଫଳ ଆଣିଛୁ ।'' ଜେଜେ କହିଲେ, "ହଁ ହଁ ଫଳ ଖାଅ । ଦେହ ଭଲ ରହିବ । ବାହାର ଜିନିଷ ଖାଇଲେ ଦେହ ଖରାପ ହେବ ।" ଜେଜେ ପୁଣି କହିଲେ, "ଯଦି ଦରକାର

ହୁଏ ବାହାରୁ ତଟକା ତଟକା ଖାଦ୍ୟ ଖାଇବ । କିନ୍ତୁ ବେଶୀ ଖାଇବ ନାହିଁ । ଖାଇଲେ ଝାଡ଼ା, ବାନ୍ତି, ପେଟ ଗୋଳମାଳ ହୋଇପାରେ ।"

ପିଲାଏ ପଚାରିଲେ, ତେବେ ନ ଖାଇଲେ କ'ଣ ହେବ ?

ଜେଜେ ଚଟାପଟ୍ କହିଲେ, ଭୋକ ହେବ, ହାଲିଆ ଲାଗିବ, ବୁଲିବାକୁ ମନ ହେବନାହିଁ । କାମ କରିବାକୁ ଭଲ ଲାଗିବନାହିଁ । ଦୁର୍ବଳ ଲାଗିବ । ତାପରେ ପିଲାମାନେ ଜେଜେଙ୍କୁ ଗପ କହିବାପାଇଁ ଅନୁରୋଧ କଲେ । ଜେଜେ କହିଲେ, ଘରେ କହିବି । ଏବେ ପଦ୍ୟାନ୍ତ କର । ପିଲାମାନେ ପଦ୍ୟାନ୍ତ କଲେ । ନିଜନିଜ ଭିତରେ ଥଟ୍ଟାତାମସା କଲେ । ପଦ୍ୟାନ୍ତ ଓ ଥଟ୍ଟାତାମସା ଭିତରେ ଗାଡ଼ି ଭଟ୍ଟାରିକାରେ ପହଂଚିଗଲା ।

## ଅଭ୍ୟାସ

**୧ । ଗପରୁ କୁହ ।**

(କ) ଆଠଗଡ଼ ପାଖରେ କେଉଁ ମନ୍ଦିର ଅଛି ?

(ଖ) ଗାଡ଼ିଟି କାହିଁକି ଗାଁ'ଦାଣ୍ଡରେ ମନ୍ଥର ଗତିରେ ଯାଉଥିବ ?

(ଗ) ଜେଜେଙ୍କ ପାଖରେ ବସିବା ପାଇଁ ପିଲାମାନେ ଜିଦ୍ କଲେ କାହିଁକି ?

(ଘ) ଗାଡ଼ିରୁ ଓହ୍ଲାଇବାପରେ ପିଲାମାନେ କ'ଣ କରିଥିବେ ?

୨ । ପାଠଟିକୁ ପଢ଼ । 'ଟ୍ଟ', 'ନ୍ତ', 'ନ୍ଥ' ଲାଗିଥିବା ଶବ୍ଦଗୁଡ଼ିକୁ ଠିକ୍ ଉଚ୍ଚାରଣ କରି ପଢ଼ ଓ ଲେଖ ।

ଟ୍ଟ ____ ____ ____ ____ ____

ନ୍ତ ____ ____ ____ ____ ____


ନ୍ଥ ____ ____ ____ ____ ____

୩ । ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକ ସହ 'ନ୍ଥ' ଯୁକ୍ତାକ୍ଷର ଲଗାଇ ପଢ଼ ଓ ନୂଆ ଶବ୍ଦଟିକୁ ଲେଖ ।

କା ____ ପା ____ ସୁ ____ ମ ____

୪ । ବାହାର ଅକ୍ଷର ସହିତ ନଳ ଭିତରର 'ନ୍ତ' ଅକ୍ଷରକୁ ମିଶାଇ ଶବ୍ଦ ଗଢ଼ । ନଳ ଭିତରେ ଲେଖ ।

ଯେପରି




୫ । ତଳ ଶବ୍ଦଗୁଡ଼ିକୁ ସଜାଇ ଲେଖ ।

କାଳିଅଟ୍ଟା ____________ ହାଟ୍ଟଅସ୍ୟ ____________

ଜୁରଟ୍ଟାଭଆ ____________ ପଶିଟ୍ଟଷ୍ୟ ____________

ଟ୍ଟାରିକାଭ ____________

୬ । ଖାଲିଘରେ 'ନ୍ତ' ଲଗାଇ ଠିକ୍ ଭାବରେ ପଢ଼ ।

ବସ______ ହେମ______ ବ______ଳ ଅନ______

ଅତ୍ୟ______ ନିତା______ ଆଭ୍ୟ______ର ଜୀବ______

୭ । ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ । ଯେଉଁ ଚିତ୍ରର ନାମ ଯାହା ସେହି ଚିତ୍ର ତଳେ ସେହି ନାମ ଲେଖ ।

(ପେନ୍ଥା, ଅଟ୍ଟାଳିକା, ମନ୍ଥା, ଯନ୍ତା, କାନ୍ଥ, ଦାନ୍ତ, ଗ୍ରନ୍ଥ, ତନ୍ତ, ବୃନ୍ତ)













୮ । ଗୋଟିଏ ବାକ୍ୟରେ ଲେଖ ।

(କ) ଦୁଷ୍ମନ୍ତ ବାବୁ କୁଆଡ଼େ ବୁଲିଯିବାକୁ ଯୋଜନା କରିଥିଲେ ?

___

(ଖ) ଅଟ୍ଟାଳିକା ଆଗରେ ଗାଡ଼ି କେତେବେଳେ ପହଞ୍ଚିଲା ?

___

(ଗ) ଗାଁ ଦାଣ୍ଡରେ ଗାଡ଼ିଟି କେମିତି ଯାଉଥିଲା ?

___

୯ । ତୁମେ ପ୍ରତିଦିନ କ'ଣ କ'ଣ ଖାଦ୍ୟ ଖାଅ ଲେଖ ।

___ ___ ___ ___ ___ ___

___ ___ ___ ___ ___ ___

୧୦ । ନ ଖାଇଲେ କ'ଣ ହେବ ସାଙ୍ଗମାନଙ୍କ ସହ ଆଲୋଚନା କରି ଲେଖ ।

___ ___

___ ___

୧୧ । ତୁମେ ଖାଉଥିବା କଞ୍ଚା ଓ ପାଚିଲା ଫଳର ନାମ ଲେଖ ।

___ ___

___ ___

___ ___

୧୨। ପ୍ରଥମ ଦୁଇ ଧାଡ଼ି ପଢ଼ି ଖାଲିସ୍ଥାନ ପୂରଣ କର।

**ଯେପରି :** ଗରମ ଗରମ ଭାତ

ଗରମ ଗରମ ବରା

---

---

---

୧୩। ଘରେ ରହୁଥିବା ପଶୁ, ପକ୍ଷୀ କ'ଣ ଖାଆନ୍ତି ଘରୁ ବୁଝିଆସି ସାଙ୍ଗ ସହ ଆଲୋଚନା କର ।



ପାଠ - ୭

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା–

କ'ଣ ଶିଖିବେ - ପିରିୟଡ଼ ସଂଖ୍ୟା – ୩୫

ଭାଷା :
- 'ଟ୍ଟ', 'ନ୍ତ', 'ନ୍ଥ' ଯୁକ୍ତାକ୍ଷର ଚିହ୍ନିବେ ।
- ଠିକ୍ ବନାନ ସହ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ସରଳ ଭାବରେ ସହଜ ପ୍ରଶ୍ନର ଉତ୍ତର ଦେବେ ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝି ପାରିଥିବେ ।


ପରିବେଶ
- ସ୍ୱାସ୍ଥ୍ୟପାଇଁ ଖାଦ୍ୟର ଆବଶ୍ୟକତା ବୁଝିବେ ।
- ଶିକ୍ଷକ ଗପଟିକୁ କହିବେ । ଯୁକ୍ତାକ୍ଷରଗୁଡ଼ିକୁ ଗୁରୁତ୍ୱଦେଇ ଉଚ୍ଚାରଣ କରିବେ । ଯୁକ୍ତାକ୍ଷରଥିବା ଶବ୍ଦଗୁଡ଼ିକର ଚିତ୍ର ସଂଗ୍ରହ କରିବେ । ଅଟ୍ଟାଳିକାସହ ସାଧାରଣଘରର ଚିତ୍ର ଦେଖାଇ ଅଟ୍ଟାଳିକା ଶବ୍ଦ ବୁଝାଇବାକୁ ଚେଷ୍ଟାକରିବେ । ଭଟ୍ଟାରିକା ଠାକୁରାଣୀଙ୍କ ବିଷୟରେ କହିବେ । ଦାନ୍ତ, ତେନ୍ତୁଳି, କାନ୍ଥର ଚିତ୍ରରୁ ଉଚ୍ଚାରଣ ସ୍ପଷ୍ଟ କରାଇବେ ।
- ଚିତ୍ରସହ ଶବ୍ଦରୁ ଅକ୍ଷର ଚିହ୍ନାଇପାରିବେ ।
- ବାହାର ଜିନିଷ କ'ଣ ଖାଇବାକୁ ମିଳେ ଆଲୋଚନା କରିବେ ।
- ଘରତିଆରି ଜିନିଷ ଓ ବାହାର ଜିନିଷ ମଧ୍ୟରୁ କେଉଁଟି ଖାଇବାଉଚିତ୍ ଆଲୋଚନା କରିବେ ।
- କେତେବେଳେ ଖାଦ୍ୟ ବାସି ହୁଏ, ତଟକା ଖାଦ୍ୟ କ'ଣ, କେତେ ଖାଇବା କଥା ଆଲୋଚନା କରାଇବେ ।
- ଯିଏ ଖାଏନାହିଁ ଓ ଯିଏ ବେଶି ଖାଏ ତାର କ'ଣ ଅସୁବିଧା ହୁଏ ଆଲୋଚନା କରାଇବେ ।
- ପଦ୍ୟାନ୍ତରେ ଯୁକ୍ତାକ୍ଷର ଥାଇ ପଦ୍ୟାନ୍ତ କରିବାକୁ କହିବେ ।

ଅଭ୍ୟାସ:
- ବ୍ୟକ୍ତିଗତ ଭାବରେ ଅଭ୍ୟାସକାର୍ଯ୍ୟ କରିବେ ଓ ଶ୍ରେଣୀରେ ଆଲୋଚନା ହେବ ।
- ଗପରୁ ଅଧିକ ପ୍ରଶ୍ନ ତିଆରି କରିବେ ।
- ଦିଆଯାଇଥିବା ସୂଚନା ଅନୁସାରେ ପିଲାମାନେ ଉତ୍ତର କରିବେ ଓ ଶିକ୍ଷକ ଆବଶ୍ୟକସ୍ଥଳେ ସାହାଯ୍ୟ କରିବେ ।

ପାଠ - ୮

# ସୁନ୍ଦର ଆମ ଘର

47AY13




ଆମେ ଯେଉଁ ଘରେ ରହୁ ସିଏ ଭାରି ସୁନ୍ଦର
ଧୂଳି ଅଳନ୍ଧୁ ନଥାଏ ବଡ଼ ସଫାସୁତର ।
ଜାତିଜାତି ମନ୍ଦାରରେ ହସେ ଆମ ବଗିଚା
ନିରିମଳ ପରିବେଶ ଚାରିଆଡ଼ ଫରଚା ।

ଘରଟି ଆମର ଅଛି ନଈବନ୍ଧ କଡ଼ରେ
ଅପରାଜିତାର ଲତା ମାଡ଼ିଥାଏ ବାଡ଼ରେ ।
ପଢ଼ାପଢ଼ି ସାରିଦେଇ ଭାଇବନ୍ଧୁ ମେଳରେ
ଆନନ୍ଦରେ ଖେଳ ଖେଳୁ ନିତି ସଞ୍ଜବେଳରେ ।
ସୁନ୍ଦର ଘରକୁ ଆମେ କରୁନା ତ ଅସନା
ଆନନ୍ଦରେ ଥାଉ ସଦା ମନମାରି ବସୁନା ।

## ଅଭ୍ୟାସ

୧ । ଗୀତଟିକୁ ଆବୃତ୍ତି କର ।

୨ । ଚିତ୍ରଗୁଡ଼ିକର ନାମ ଖାଲି ସ୍ଥାନରେ ଲେଖ ।



୩। (କ) ପ୍ରଥମ ପିଲା 'ନ୍ଧ' ଥିବା ଶବ୍ଦକୁ ଗୁଳି ମାରିବ। ଦ୍ୱିତୀୟ ପିଲା 'ନ୍ଦ' ଥିବା ଶବ୍ଦକୁ ଆଙ୍କୁଡ଼ାରେ ଟାଣିବ।



(ଖ)

| | | | | |
|---|---|---|---|---|
| ଚୌ | ମ | ନ୍ଦା | କି | ର |
| ଔ | ନ୍ଦ | ନ୍ଦି | କୋ | ଧ |
| ବ | ନ୍ଧ | ନ୍ଧା | ବା | ବି |
| ଅ | ଘ | ନ୍ଧୁ | ଷ | କ |

ଉପରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା । ଯେପରି ଚୌକି, ବନ୍ଧୁ....

## ୪ । ତଳେଥିବା ପ୍ରତ୍ୟେକ ଶବ୍ଦକୁ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ଲେଖ ।

ଚାନ୍ଦୁଆ:________________________

ସୁନ୍ଦର:________________________

ଅନ୍ଧାର:________________________

ନଈବନ୍ଧ:________________________

## ୫ । ଠିକ୍ ଉଚ୍ଚାରଣ କରି ପଢ଼ ଓ ଲେଖ ।

ମନ୍ଦିର__________ ସ୍ୱର୍ଣ୍ଣ __________ ଅନ୍ଧାର __________

ଚାନ୍ଦ__________ ପୂର୍ଣ୍ଣିମା __________ ବନ୍ଧୁକ __________

ସିନ୍ଦୂର__________ ବର୍ଣ୍ଣନା __________ ବନ୍ଧ __________


ଚନ୍ଦନ__________ କଦଳୀକାନ୍ଦି__________

୬ । ଧନ୍ଦାକୁ ପଢ଼ ଓ କୁହ ।

ମୋ ମୁହଁ ଚାହିଁଲେ ତୋ ମୁହଁ ଦିଶେ
ଗାଁ ସହରରେ ସବୁଠି ମିଳେ
ମୋରି ଭିତରେ କରେ ମୁଁ ବନ୍ଦୀ
ଜଗତଯାକକୁ ପାରଇ ବାନ୍ଧି ।

୭ । ଦୁଇଛବିରେ କ'ଣ ସବୁ ଅଲଗା ଦେଖୁଛ, ତୁମ ସାଙ୍ଗ ସହ ଆଲୋଚନା କର ଓ ଲେଖ ।





୮ । ତୁମ ଘର ଓ ବିଦ୍ୟାଳୟ କେଉଁ ସମୟରେ ସଫା କରାଯାଏ କୁହ ଓ ଲେଖ ।

______________________ ______________________

୯ । ତଳେ କେତୋଟି କଥା କୁହାଯାଇଛି । ତୁମେ ସେଥିରୁ କେଉଁଟିକୁ ପସନ୍ଦ କରୁଛ ତା ନିକଟରେ ☑ ଚିହ୍ନ ଦିଅ ।


(କ) ଘରର ଚାରିପାଖରେ ଥିବା ଅଳିଆଗୁଡ଼ିକୁ ସଫା କରିବା । ☐


(ଖ) ଅଳିଆଗୁଡ଼ିକୁ ଘର ନିକଟରେ ଗଦା କରିବା । ☐

(ଗ) ଘରଠାରୁ ଦୂରରେ ଅଳିଆଗୁଡ଼ିକୁ ପୋତିଦେବା । ☐

(ଘ) ଅଳିଆଗୁଡ଼ିକୁ ରାସ୍ତାରେ ଫୋପାଡ଼ିଦେବା । ☐

୧୦ । କ'ଣ କଲେ ଅସନା ହୁଏ ?





୧୧ । ଘର ଓ ଘରଚାରିପାଖ ଅସନା ହେଲେ ତୁମର କ'ଣ କ୍ଷତିହେବ ?

୧୨ । ତୁମେ କଦଳୀ ଖାଇସାରିବା ପରେ ଚୋପାକୁ କେଉଁଠି ପକାଇବ ?





ପାଠ - ୮

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା : ୩୨

କ'ଣ ଶିଖିବେ -

ଭାଷା :
- ନ୍ଦ, କ୍ଷ ଓ ର୍ଣ୍ଣ ଯୁକ୍ତାକ୍ଷର କୁ ଚିହ୍ନିବେ ।
- ଶବ୍ଦକୁ ଉଚ୍ଚାରଣ କରିବେ ।
- ସାମୂହିକ ଓ ବ୍ୟକ୍ତିଗତ ଭାବରେ ଆବୃତ୍ତି କରିବେ ।
- ସରଳ ଭାବରେ ସହଜ ପ୍ରଶ୍ନର ଉତ୍ତର ଦେବେ ।
- ଛୋଟଛୋଟ ପ୍ରଶ୍ନ ପଚାରିବେ ।
- ଠିକ୍ ବନାନସହ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ସରଳ ପଦ୍ୟକୁ ଉଚ୍ଚସ୍ୱରରେ ପଢ଼ିବେ ।

ପରିବେଶ:
- ଗୃହ ତଥା ଚତୁଃପାର୍ଶ୍ୱ ସଫାସୁତରା ରଖିବାର ଆବଶ୍ୟକତାକୁ ବୁଝିବେ ।
- ଚିତ୍ରକୁ ମନୋଯୋଗ ଦେଇ ଦେଖିବାକୁ କହିବେ । କ'ଣ ଦେଖୁଛନ୍ତି ଓ ଚିତ୍ରରୁ କ'ଣ ଜାଣୁଛନ୍ତି ଆଲୋଚନା କରିବାକୁ ଦେବେ ଓ ନିଜେ ମଧ୍ୟ ଆଲୋଚନା କରିବେ ।
- ଗୀତଟିକୁ ଆବୃତ୍ତି କରିବେ ଓ ପିଲାଙ୍କଦ୍ୱାରା ଆବୃତ୍ତି କରାଇବେ ।
- ନ୍ଦ, କ୍ଷ ଓ ର୍ଣ୍ଣ ଥିବା ପଦକୁ କଳାପଟାରେ ଲେଖି ଶବ୍ଦରୁ ଅକ୍ଷର ଚିହ୍ନିବା କାମ କରାଇବେ ।
- ପରିଷ୍କାର ଘର, ଅପରିଷ୍କାର ଘର କେମିତି ଥାଏ ପ୍ରଶ୍ନ ମାଧ୍ୟମରେ ଆଲୋଚନା କରାଇପାରିବେ ।
- ଘର କାହିଁକି ସଫାରଖିବା ଆଲୋଚନା କରିବେ ।
- ଘରବାହାର କାହିଁକି ସଫାରଖିବା ଆଲୋଚନା ହେବ ।
- ଶବ୍ଦଗୁଡ଼ିକର ବନାନ କରାଇବେ ।
- ପିଲାଙ୍କଦ୍ୱାରା ଛୋଟଛୋଟ ପ୍ରଶ୍ନ ତିଆରିକରିବା ସୁଯୋଗ ସୃଷ୍ଟିକରିବେ ।

ଅଭ୍ୟାସ:
- ଗୀତଟିକୁ ଆବୃତ୍ତି କରାଇବେ ।
- ବ୍ୟକ୍ତିଗତ ଭାବରେ ଅଭ୍ୟାସକାର୍ଯ୍ୟ କରିବେ ଓ ଶ୍ରେଣୀରେ ଆଲୋଚନା କରାଇବେ ।
- ପ୍ରଶ୍ନ ୬ ପରି ଶିକ୍ଷକ ନିଜେ ଧନ୍ଦା ତିଆରି କରିପାରିବେ ।
- ଆବଶ୍ୟକସ୍ଥଳେ ଅଧିକ ପ୍ରଶ୍ନ ପିଲାଙ୍କୁ ଦେବେ ।

ପାଠ - ୯

# ରମ୍ଭା ନୂଆ ଜାଗା ଦେଖିଲା

47JU2Q




ଝିଅଟିର ନାଁ ରମ୍ଭା । ଆମ୍ବପାଲୀ ଗାଁରେ ମାଉସୀ ବେମାର ଥିଲେ । ରମ୍ଭା ମା' ସହିତ ମାଉସୀଙ୍କୁ ଦେଖିବାକୁ ବାହାରିଲା ।

ରମ୍ଭା : ମା', ଏଇଟି କେଉଁ ବିଦ୍ୟାଳୟ ?


ମା' : ଏହାର ନାମ ଆମ୍ବପାଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟ । ଏଠାରେ ମୁଁ ପାଠ ପଢୁଥିଲି ।

ରମ୍ଭା : ମା' ଏହି ବଗିଚାରେ କେଉଁ ସବୁ ଗଛ ଅଛି ?

ମା' : ରମ୍ଭା, ଏଇଟା ଗମ୍ଭାରୀ ଗଛ । ହେଇ ଦେଖ, ସେପଟେ ଚମ୍ପା ପାଖରେ ଆମ୍ବ, ପଣସ ଓ ମନ୍ଦାର ଗଛ ଅଛି ।

ରମ୍ଭା : ଏତେବଡ଼ ବଗିଚାରେ ପାଣି କେଉଁଠୁ ଦେଉଥିବେ ?

ମା' : ଦେଖୁନୁ କେତେବଡ଼ କୂଅ ଅଛି । ବଡ଼ବଡ଼ କୂଅକୁ ବାମ୍ପୀ କୁହାଯାଏ । ପମ୍ପରେ ପାଣି ଉଠାଯାଇ ବଗିଚାରେ ଦିଆଯାଏ ।



ରମ୍ଭା : ମୁଁ ଏଇଠି ଖେଳିବି କି ?

ମା' : ହଁ, ଯାଉନୁ ସେଇ ଖସଡ଼ାରେ ଖସିବୁ ।


ରମ୍ଭା : ମା', ଏହି ବିଦ୍ୟାଳୟରେ କ'ଣ ସବୁ ହୁଏ ?

ମା' : ଏଠାରେ ପାଠ ପଢ଼ାଯାଏ । ଏଠାରେ ପାଠ ପଢ଼ି ପିଲାମାନେ ବହୁତ କଥା ଶିଖନ୍ତି । ସରକାରୀ ବିଦ୍ୟାଳୟରେ ସବୁପିଲାଙ୍କୁ ମାଗଣାରେ ବହି, ପୋଷାକ ଓ ଖାଇବାକୁ ଦିଆଯାଏ । ଧନୀଗରିବ ସଭିଏଁ ପଢ଼ିବାର ସୁଯୋଗ ପାଆନ୍ତି ।

ରମ୍ଭା : ମା', ଏଇଟି କି ଘର ?

ମା' : ଏଇଟା କୁମ୍ଭାରପୁର ଗ୍ରାମପଞ୍ଚାୟତ ଅଫିସ୍ ।

ରମ୍ଭା : ଏ ଅଫିସ୍ କେଉଁ କାମ କରେ ?



ମା' : ଗ୍ରାମପଞ୍ଚାୟତ ଗ୍ରାମସଡ଼କ ତିଆରି ଓ ମରାମତି କରେ । ଗ୍ରାମପଞ୍ଚାୟତ ପୋଖରୀ ଖୋଳେ ।



ରମ୍ଭା : ମା', ଏଠାରେ କ'ଣ ହେଉଛି ?

ମା' : ଜାଣିଲୁ ଝିଅ, ଏଠାରେ ଗୋଟିଏ ସଭା ହେଉଛି । ଗ୍ରାମପଞ୍ଚାୟତର



ମୁଖ୍ୟ ହେଉଛନ୍ତି ସରପଞ୍ଚ । ଗ୍ରାମପଞ୍ଚାୟତ ଗାଁର ଭଲମନ୍ଦ ବୁଝେ । ଗାଁ, ଗାଁ ମଧ୍ୟରେ ହେଉଥିବା କଳିକଜିଆକୁ ସମାଧାନ କରେ ।

ରମ୍ଭା: ଗ୍ରାମପଞ୍ଚାୟତ କେମିତି ଗଠିତ ହୁଏ ?

ମା': ଗୋଟିଏ ବଡ଼ ଗାଁ ବା କେତୋଟି ଛୋଟଛୋଟ ଗାଁକୁ ନେଇ ଗ୍ରାମପଞ୍ଚାୟତ ଗଢ଼ା ହୋଇଥାଏ ।




ରମ୍ଭା: ଏ ଲୋକଟିକୁ କେଉଁଠିକି ନେଉଛନ୍ତି ମା' ?

ମା : ଡାକ୍ତରଖାନାକୁ ନେଉଛନ୍ତି । ଏଠାରେ ଡାକ୍ତର, ନର୍ସ, କମ୍ପାଉଣ୍ଡର ଓ ଅନ୍ୟମାନେ କାମ କରନ୍ତି ।

ଏଠାରେ ମାଗଣାରେ ରୋଗୀ ପରୀକ୍ଷା କରାଯାଏ । ଔଷଧ ଦିଆଯାଏ । ତୋ ମାଉସୀ ବି ଏବେ ଏଠାରେ ଅଛନ୍ତି ।



ରମ୍ଭା: ମା', ଏହି ଫଳଗୁଡ଼ିକୁ କେଉଁଠି ରଖିବି ?

ମା' : ସେହି ଫଳଗୁଡ଼ିକୁ ଷ୍ଟୁଲ ଉପରେ ସଜାଡ଼ି ରଖିଦେ ।



## ଅଭ୍ୟାସ

୧ । ପାଠରେ 'ମ୍ପ' ଅକ୍ଷର ଥିବା ଶବ୍ଦ ଚାରିପଟେ ◯ ବୁଲାଅ ଓ 'ମ୍ଫ' ଅକ୍ଷର ଥିବା ଶବ୍ଦକୁ △ ମଧ୍ୟରେ ରଖ ।

୨ । ଠିକ୍ ବନାନ କରି ପଢ଼ ।

| | | |
|---|---|---|
| ଚମ୍ପା | କମ୍ପାସ | ପମ୍ପା |
| ଚମ୍ପକ | ସିମ୍ପାଞ୍ଜି | ଗୁମ୍ଫା |

୩ । ପଢ଼ ଓ ଲେଖ ।

| | | |
|---|---|---|
| ସମ୍ପଦ | ଡାମ୍ଫଣ | ଲମ୍ଫ |
| କମ୍ପନ | ବାମ୍ଫ | ବାମ୍ଫୀ |

୪ । ତଳ ଲେଖାଟିକୁ ପଢ଼ । 'ମ୍ବ' ଥିବା ଶବ୍ଦ ତଳେ ଗାର ଦିଅ ଓ 'ମ୍ଭ' ଥିବା ଶବ୍ଦ ଉପରେ ଗାରଦିଅ ।

''ସମ୍ବଲପୁର ଜିଲ୍ଲାରେ ଆମ୍ବଝର ଗାଁ । ସେଠାରେ ବାନାମ୍ବର କୁମ୍ଭାର ରହେ । ତା'ର ବୟସ ପ୍ରାୟ ଚବିଶ କି ପଚିଶି । ଦେଖିବାକୁ ଡେଙ୍ଗା, ଗୋରା, ଓସାରିଆ ଛାତି, ଲମ୍ବା ଲମ୍ବା ହାତ । ସେ ବେଶ୍ ଦମ୍ଭିଲା ଦେଖାଯାଏ । ବିପଦ ଆପଦ ଆସିଲେ ଭୟ କରେ ନାହିଁ । ସେ କହେ, ଅସମ୍ଭବ ବୋଲି କିଛି ନାହିଁ । ଆମେ ଚାହିଁଲେ ସବୁକିଛି ସମ୍ଭବ ହୋଇପାରିବ ।

୫ । ଠିକ୍ ବନାନ କରି ପଢ଼ ।

| | | | |
|---|---|---|---|
| ଖମ୍ବ | କମ୍ବଳ | ଦମ୍ଭ | ସମ୍ଭବ |
| ଆମ୍ବ | କଦମ୍ବ | ତୁମ୍ଭେ | ନିମ୍ବଗଛ |
| ଲମ୍ବ | ଶିମ୍ବଲତା | କୁମ୍ଭୀର | ଗମ୍ଭୀର |

୬ । ପଢ଼ ଓ ଲେଖ ।

| | | | |
|---|---|---|---|
| ଏକନମ୍ବର | ଶାମ୍ବଦଶମୀ | ଅସମ୍ଭବ | କୁମ୍ଭକଳସ |
| ସୂଚୀଚୁମ୍ବକ | ମୁମ୍ବାଇ ନଗରୀ | ଅସମ୍ଭାଳ | ନୀଳ ଅମ୍ବର |

୭ । ଆସ ଗାଇବା ।

''ଆମ୍ବ ବଉଳଇ ଫଗୁଣମାସେ,
ଦିଗ ଚହଟଇ ତା'ର ସୁବାସେ''

୮ । ତଳେ ଥିବା ଶବ୍ଦଗୁଡ଼ିକୁ ପଢ଼ ଓ ତୁମ ସାଙ୍ଗକୁ ଲେଖିବାକୁ କୁହ ।

କମ୍ପାସ, ଗୁମ୍ଫା, ଡାମ୍ଫଣ, ସମ୍ପଦ, ଅସମ୍ଭବ, ଗମ୍ଭୀର, ଚୁମ୍ବକ, କମ୍ବଳ, କଦମ୍ବ, ସମ୍ବାଦ


## ୯ । ପଢ଼, ଲେଖ ଓ ମନେରଖ ।

ଗୁମ୍ଫାଟି ଅତି ସୁନିର୍ମଳ, ବାମ୍ଫୀର ଜଳ ସୁଶୀତଳ।

ସମ୍ପଦ କାଳେ ସର୍ବେ ସଖା, ବିପଦେ ନ ଦିଅନ୍ତି ଦେଖା।

କୁମ୍ଭୀର ବଡ଼ ଭୟଙ୍କର, ନାଶଇ କେତେ ନାରୀ ନର ।


## ୧୦ । 'ମ୍ଭ' ଥିବା ଶବ୍ଦଗୁଡ଼ିକ ନିକଟରେ ଥିବା ବିନ୍ଦୁଗୁଡ଼ିକୁ ଯୋଡ଼ି କେଉଁ ଚିତ୍ରଟି ପାଉଛ ଦେଖ ।



୧୧। ଚିତ୍ର ଦେଖି ପୂରାନାମ ଲେଖ :

ଡା___ଣ    କଦ___ଫୁଲ    କୁ___ର    ସି___ଞ୍ଜି

କ___ସ    ଚ___ଫୁଲ    ବା___    କ___ଳ

୧୨। (କ) 'ମ୍ପ', 'ମ୍ପା', 'ମ୍ପି' ଅକ୍ଷର ମଧ୍ୟରୁ ଠିକ୍ ଅକ୍ଷର ବାଛି ଖାଲିଜାଗା ପୂରଣ କର ।

କ___,    ପା___ଡ଼,    ଝା___

ତ___,    ଅଲି___କ,    ସି___ଞ୍ଜି

ଚ___,    କ___ସ    ଅ___ୟାର

(ଖ) ମ୍ବ, ମ୍ବା, ମ୍ବି, ମ୍ବୁ, ମ୍ଭ ମଧ୍ୟରୁ ଅକ୍ଷର ଲଗାଇ ଶବ୍ଦଟି ଲେଖ ।

ବିଳ___    ତ___ ଡାର,    ହ___ ରଡ଼ି

କ___ଳ,    ତ___,    ଆ___ଳ

ଦ___    ଗ___ଜ    ଆ___ଲ

## ୧୩ । ସମ୍ପର୍କ ଥିବା ସ୍ଥାନ ସହିତ ଯୋଡ଼ ।

ଏଠାରେ ରୋଗୀମାନଙ୍କୁ ପରୀକ୍ଷାକରି ଔଷଧ ଦିଆଯାଏ । ଡାକ୍ତର, ନର୍ସ, ଧାଈ, କମ୍ପାଉଣ୍ଡର ଏଠାରେ କାମ କରନ୍ତି ।



ଏହା ଗାଆଁଗୁଡ଼ିକର ଭଲମନ୍ଦ ବୁଝେ । ରାସ୍ତାଘାଟ ମରାମତି, ପରିବେଶ ସଫାସୁତରା ରଖିବା ପୋଖରୀଖୋଳିବା ଇତ୍ୟାଦି କାର୍ଯ୍ୟକରେ ।



ପିଲାମାନେ ଏଠାରେ ପାଠ ପଢ଼ନ୍ତି । ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠପଢ଼ାନ୍ତି । ପିଲାମାନେ ପାଠପଢ଼ି ବଡ଼ମଣିଷ ହୁଅନ୍ତି ।



## ୧୪ । ଅକ୍ଷରଗୁଡ଼ିକୁ ସଜାଡ଼ି ଶବ୍ଦ ଲେଖ ।

**ଯେପରି : ମ୍ଭୀକୁର – କୁମ୍ଭୀର**

ବସମ୍ଭ – ________, ମ୍ବଚୁକ – ________

ଡାଣମ୍ପ – ________, ରଆମ୍ପ – ________

ସକମ୍ପା – ________, ଗରୀମ୍ପା – ________

କଳମ୍ପ – ________,

ନରମ୍ପ – ________

୧୫। ଆସ ଆମେ ଆଲୋଚନା କରିବା ଓ ଲେଖିବା ।

(କ) ତୁମ ଘର କେଉଁ ଗ୍ରାମପଞ୍ଚାୟତରେ ଅଛି ?

________________________________ ।

(ଖ) ତୁମ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ନାମ କ'ଣ ?

________________________________ ।

(ଗ) ଗ୍ରାମପଞ୍ଚାୟତ କି କି କାମ କରେ ?

________________________________ ।

(ଘ) ତୁମେ ପଢୁଥିବା ବିଦ୍ୟାଳୟର ନାମ କ'ଣ ?

________________________________ ।

(ଙ) ତୁମ ବିଦ୍ୟାଳୟରେ ପାଠପଢ଼ା ପୂର୍ବରୁ କରାଯାଉଥିବା ଦୁଇଟି କାର୍ଯ୍ୟ ଲେଖ ?

________________________________ ।

**୧୬। ଠିକ୍ ଟି ବାଛ ।**

(କ) ରୋଗ ହେଲେ କାହା ପାଖକୁ ଯିବା – ଡାକ୍ତର, ଗୁଣିଆ, ବଇଦ

**୧୭। ଆଲୋଚନା କରି ଲେଖିବା ।**

(କ) ତୁମ ଅଞ୍ଚଳରେ ଡାକ୍ତରଖାନା ନଥିଲେ କ'ଣ ଅସୁବିଧା ହେବ ?

______________________________

______________________________

______________________________ ।

(ଖ) ତୁମ ଗାଁ'ରେ ବିଦ୍ୟାଳୟ ନଥିଲେ ତୁମର କି ଅସୁବିଧା ହୁଅନ୍ତା ?

______________________________

______________________________

______________________________ ।

(ଗ) ତୁମ ଗାଆଁ ଲୋକଙ୍କର ଦେହ ଖରାପ ହେଲେ ସେମାନେ କେଉଁଠିକୁ ଯାଆନ୍ତି ଲେଖ ।

______________________________

______________________________

______________________________ ।

(ଘ) ତୁମ ବିଦ୍ୟାଳୟରେ କ'ଣ କ'ଣ ଅଛି ଲେଖ ।

______________________________

______________________________ ।

(ଙ) ତୁମ ଶ୍ରେଣୀକୋଠରୀରେ କ'ଣ ସବୁ ଅଛି ଲେଖ ?

______________________________

______________________________ ।

୧୮ । ମୋ ପାଖରେ ପହଞ୍ଚ । ବାଟରେ ପଡୁଥିବା ଶବ୍ଦଗୁଡ଼ିକୁ ଲେଖ ।



ପାଠ - ୯

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

କ'ଣ ଶିଖିବେ - ପିରିୟଡ଼ ସଂଖ୍ୟା – ୫୪

ଭାଷା:
- ମ୍ପ, ମ୍ଫ, ମ୍ବ ଓ ମ୍ଭ ଯୁକ୍ତାକ୍ଷର ଚିହ୍ନିବେ ।
- ଶବ୍ଦକୁ ସ୍ପଷ୍ଟ ଉଚ୍ଚାରଣ କରି କହିବେ ।
- ଠିକ୍ ବନାନ ସହ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ଶିଖିଥିବା ଯୁକ୍ତାକ୍ଷରକୁ ଶ୍ରୁତଲିଖନରେ ଲେଖିବେ ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝିପାରିବେ ।


ପରିବେଶ:
- ଆମ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଦ୍ୟାଳୟ, ପଞ୍ଚାୟତ, ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ପ୍ରଥମେ ଶିକ୍ଷକ ନିଜେ ପାଠଟିକୁ ଆମୂଳଚୂଳ ପଢ଼ିବେ । ପାଠରେ ଥିବା ଚିତ୍ରଗୁଡ଼ିକୁ ଓ ଚିତ୍ରତଳେ ଥିବା ଲେଖାଗୁଡ଼ିକୁ ବୁଝିବେ । ପାଠଟି ତିନିଭାଗରେ ବିଭକ୍ତ ହୋଇଛି । ଅକ୍ଷରଗୁଡ଼ିକ ଯେଉଁଥିରୁ ଶିଖାଇବାକୁ ଅଛି ବାହାର କରି ରଖନ୍ତୁ ।
- ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବାର ସୁଯୋଗ ଦିଅନ୍ତୁ ।
- ବିଦ୍ୟାଳୟ ବିଷୟରେ ପିଲାଙ୍କ ସହ କିଛି ଆଲୋଚନା କରନ୍ତୁ ।
- ଯେଉଁ ଯୁକ୍ତାକ୍ଷର ଚିହ୍ନାଇବାକୁ ଅଛି ତା' ଉପରେ ଗୁରୁତ୍ୱ ଦିଅନ୍ତୁ ଓ ଉଚ୍ଚାରଣ କରିପାରିବା ସୁଯୋଗ ସୃଷ୍ଟି କରନ୍ତୁ । ସେଥିପାଇଁ ପ୍ରଶ୍ନ ପଚାରି ପାରନ୍ତି ।
  ଶବ୍ଦଗୁଡ଼ିକ କଳାପଟାରେ ଲେଖି ଯୁକ୍ତାକ୍ଷରକୁ ଚିହ୍ନାନ୍ତୁ ।
- ବିଭିନ୍ନ ଗଛ ଲଗାଇବା, ସେମାନଙ୍କୁ ଚିହ୍ନିବା ମଧ୍ୟ କରିପାରିବେ ।
- ବିଦ୍ୟାଳୟ ପରେ କ୍ରମାନ୍ୱୟରେ ପଞ୍ଚାୟତ ଓ ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ପଢ଼ିବାକୁ ଦେବେ ଓ ଆଲୋଚନା
- କରାଇବେ ।
  ଆଲୋଚନା ପରେ ଯୁକ୍ତାକ୍ଷର ଚିହ୍ନାଇବେ ।
- ପିଲାଙ୍କର ଅନୁଭୂତିରୁ ଯେତେ ଅଧିକ କଥା ସଂଗ୍ରହ ହୋଇପାରିବ ତାହା କରିବେ।

ଅଭ୍ୟାସ:
- ଅଭ୍ୟାସକାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏଣୁ ସେ ଅନୁସାରେ କାମ କରିବାକୁ କୁହନ୍ତୁ ।
- ପ୍ରଶ୍ନ ୭, ୯ର ଗୀତଗୁଡ଼ିକ ଆଦାୟ କରନ୍ତୁ ଓ ପିଲାଙ୍କୁ ଏପରି ଗୀତ ସଂଗ୍ରହ କରିବାକୁ ଉତ୍ସାହିତ କରାନ୍ତୁ ।
  ୧୦ ନମ୍ବର ଚିତ୍ର କାହାର ପଚାରନ୍ତୁ ।
- ପ୍ରଶ୍ନ ୧୫, ୧୭ ଆଲୋଚନା କରିବାକୁ ଦିଅନ୍ତୁ ମାତ୍ର ବ୍ୟକ୍ତିଗତ ଭାବରେ ଲେଖିବାକୁ ଦିଅନ୍ତୁ ।
- ଅଭ୍ୟାସପ୍ରଶ୍ନର ଉତ୍ତର ଆଦାୟ କରନ୍ତୁ ।

ପାଠ - ୧୦

# ଗାଁ ବୁଲା

ପୁରୁଷୋତ୍ତମପୁର ଗାଁରେ ତିଲୋତ୍ତମା ଦେବୀଙ୍କ ଘର । ପ୍ରଥମାଷ୍ଟମୀ ଦୁଇଦିନ ଥାଏ । ତିଲୋତ୍ତମା ଦେବୀ ତାଙ୍କ ଝିଅ ଅନୁଷ୍କାକୁ ଧରି ବଜାର ବାହାରିଲେ । ବାଟରେ ପୋଷ୍ଟ ଅଫିସ ଦେଖି ଅନୁଷ୍କା ପଚାରିଲା ''ମା', ଏଠାରେ କ'ଣ





47TQ4D












ହୁଏ ?'' ତିଳୋତ୍ତମା ଝିଅର କଥାଶୁଣି ଉତ୍ତର ଦେଲେ, ''ଏହା ଗୋଟିଏ ପୋଷ୍ଟ ଅଫିସ । ଏଠାରେ ପୋଷ୍ଟକାର୍ଡ୍‌, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଟେଲିଗ୍ରାମ୍‌ ଫର୍ମ



ଇତ୍ୟାଦି ମିଳେ । ଦୂରଜାଗାକୁ ଟଙ୍କା ପଠାଇବା ଓ ଖବର ପଠାଇବାରେ ପୋଷ୍ଟ ଅଫିସ ସାହାଯ୍ୟ କରେ । ଆଜିକାଲି ମୋବାଇଲ୍‌ ଫୋନ୍‌ରେ ବହୁତ ଦୂର ଜାଗାକୁ କମ୍‌ ସମୟରେ ଖବର ପଠାଯାଇ ପାରୁଛି ।"

କିଛିବାଟ ଗଲାପରେ ଅନୁଷ୍କା ମସ୍‌ଜିଦ୍‌ଟିଏ ଦେଖି ପଚାରିଲା, "ମା', ଏଇଟା କ'ଣ ?" ମା' କହିଲେ "ଏ ହେଉଛି ମସ୍‌ଜିଦ୍‌ । ମୁସଲମାନମାନେ ଏଠି ପ୍ରାର୍ଥନା କରନ୍ତି । ହିନ୍ଦୁମାନେ ମନ୍ଦିରରେ ପୂଜାପାଠ କରନ୍ତି । ଭଜନ କୀର୍ତ୍ତନ କରନ୍ତି । ସେଭଳି ଖ୍ରୀଷ୍ଟିୟାନ୍‌ମାନେ ଗିର୍ଜାରେ ପ୍ରାର୍ଥନା କରନ୍ତି ।



ଶିଖ୍‌ମାନେ ଗୁରୁଦ୍ୱାରରେ ପ୍ରାର୍ଥନା କରନ୍ତି । ମସ୍‌ଜିଦ୍‌, ମନ୍ଦିର, ଗିର୍ଜା, ଗୁରୁଦ୍ୱାର ଗୋଟିଏ ଗୋଟିଏ ଧର୍ମ ଅନୁଷ୍ଠାନ । ସବୁ ଧର୍ମ ସମାନ । କେହି ସାନ ବଡ଼ ନୁହନ୍ତି ।"










ଅନୁଷ୍କା ପଚାରିଲା, "ମା', ଆମେ ପୋଷାକ କିଣିବାନାହିଁ କି ?" ତିଳୋତ୍ତମା ଦେବୀ ଉତ୍ତର ଦେଲେ "ହଁ, ଆମେ ତ ଆସି ବଜାର ପାଖରେ ପହଞ୍ଚିଗଲେ ।"

ଅନୁଷ୍କା କହିଲା, "ମା', ତୁମେ ଯେଉଁ ହାଟକୁ ଯାଅ ସେଇଟା ପୁଣି କ'ଣ ?" ତିଳୋତ୍ତମା ଦେବୀ କହିଲେ, "ହାଟ ସାତଦିନରେ ଥରେ ବା ଦୁଇଥର ବସେ । ବିଭିନ୍ନ ପ୍ରକାରର ଜିନିଷ ମିଳେ । ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି କିଣାବିକା କରନ୍ତି । ହାଟ ସରିଲା ପରେ ଦୋକାନଗୁଡ଼ିକ ସବୁ ଉଠିଯାଏ । ଗୋଟିଏ ଜାଗାରେ ବିଭିନ୍ନ ପ୍ରକାରର ଦୋକାନ ଥିଲେ ତାକୁ ବଜାର କହନ୍ତି । ଏହା ସବୁଦିନ ଖୋଲାରୁହେ ।" ତା'ପରେ ଅନୁଷ୍କାର ଜାମା କିଣା ହେଲା । ସେ ଖୁସିମନରେ ଘରକୁ ଫେରିଲା ।



## ଅଭ୍ୟାସ

### ୧ । ପଢ଼ ।

| | | | |
|---|---|---|---|
| ନଷ୍ଟ | ଶୁଷ୍କ | ବୃତ୍ତ | ଷଷ୍ଠ |
| କଷ୍ଟ | କନିଷ୍କ | ଉତ୍ତାପ | ଓଷ୍ଠ |
| ମୁଷ୍ଟି | ପରିଷ୍କାର | କାର୍ତ୍ତିକ | ଶ୍ରେଷ୍ଠ |
| ତୁଷ୍ଟ | ପୁଷ୍କରିଣୀ | ଉତ୍ତମ | ନିଷ୍ଠା |

### ୨। ପଢ଼ ଓ ଲେଖ ।

ସନ୍ତୁଷ୍ଟ ________ ଆବିଷ୍କାର ________ ଦେବଦତ୍ତ ________

ବୃଷ୍ଟି ________ ପୁରସ୍କାର ________ ଉତ୍ତର ________

ଦୁଷ୍ଟ ________ ଅପରିଷ୍କାର ________ ଶର୍ମିଷ୍ଠା ________

ସନ୍ତୁଷ୍ଟ ________ ବଶିଷ୍ଠ ________ କନିଷ୍ଠ ________

### ୩। ଯୁକ୍ତାକ୍ଷର ଅନୁଯାୟୀ ତଳକୋଠରୀକୁ ଶବ୍ଦଗୁଡ଼ିକୁ ନିଅ ।

ବୃଷ୍ଟି, ଶୁଷ୍କ, ସୃଷ୍ଟି, ଓଷ୍ଠ, ଉତ୍ତର, କନିଷ୍କ, ଉତ୍ତାପ, ନିଷ୍ଠା, ବୃତ୍ତି, ନିଷ୍କାସନ, ଚେଷ୍ଟା, ପୁଷ୍କରିଣୀ, ଦୁଷ୍ଟ, ଜ୍ୟେଷ୍ଠ, ଶିଷ୍ଟ ।

| ଷ୍ଟ | ଷ୍କ | ଷ୍ଠ | ତ୍ତ |
|---|---|---|---|
| | | | |

୪ । ପଢ଼ ଓ ଲେଖ ।

(କ) ଜ୍ୟେଷ୍ଠମାସରେ ସୂର୍ଯ୍ୟଙ୍କ ଉତ୍ତାପ ଅଧିକ ଥାଏ ।

_______________________________ ।

(ଖ) ପ୍ରଭୁରାମଚନ୍ଦ୍ର ଲକ୍ଷ୍ମଣଙ୍କର ଜ୍ୟେଷ୍ଠଭାଇ ଅଟନ୍ତି ।

_______________________________ ।

(ଗ) ସମ୍ବଲପୁରରେ ଶୀତଳଷଷ୍ଠୀ ଏକ ପ୍ରସିଦ୍ଧଯାତ୍ରା ।

_______________________________ ।

(ଘ) ଅନୁଷ୍କାର ଭାଇ ଷଷ୍ଠ ଶ୍ରେଣୀରେ ପଢ଼େ ।

_______________________________ ।

(ଙ) ଦୁଷ୍ଟଲୋକଙ୍କଠାରୁ ଦୂରରେ ରୁହ ।

_______________________________ ।

(ଚ) ନିଷ୍ଠାବାନଲୋକ ସବୁବେଳେ ଉନ୍ନତି କରନ୍ତି ।

_______________________________ ।

(ଛ) କେତେବେଳେ ବି ଦୁଷ୍ଟାମି କରନାହିଁ ।

_______________________________ ।

(ଜ) ଶାନ୍ତଶିଷ୍ଟ ପିଲାଙ୍କୁ ସଭିଏଁ ଆଦର କରନ୍ତି ।

_______________________________ ।


(ଝ) ଜାତୀୟସମ୍ପତ୍ତି ନଷ୍ଟ କରିବା ଉଚିତ ନୁହେଁ ।

_______________________________ ।

(ଞ) ସର୍ବଦା ପରିଷ୍କାର ରୁହ ଓ ଚାରିପାଖ ପରିଷ୍କାର ରଖ ।

_______________________________

୫ । ଶବ୍ଦ ଗଢ଼ । ଯେପରି -




୬ । ଖାଲିଜାଗାରେ ଯେ କୌଣସି ଦୁଇଟି ଚିତ୍ରକର ।

ପୋଷ୍ଟକାର୍ଡ଼ ଚିତ୍ର

ବୃତ୍ତର ଚିତ୍ର

ମୁଷ୍ଟିର ଚିତ୍ର

୭ । ପୂରଣ କର ।

ସ୍ତ______ କ୍ଷ______ ପ୍ର______

ସମ______ ପୁ______ ବୃ______

ଓ______ ନି______

## ୮ । କେଉଁଠିକୁ ଯିବା –

(କ) ପୋଷ୍ଟକାର୍ଡ଼ କିଣିବା ପାଇଁ ______________

(ଖ) ପରିବା କିଣିବା ପାଇଁ ______________

(ଗ) ପୋଷାକ କିଣିବା ପାଇଁ ______________

(ଘ) ଟଙ୍କା ପଠାଇବା ପାଇଁ ______________

## ୯ । ଉତ୍ତର ଲେଖ ।

**(କ) ତୁମ ଗାଁ ନିକଟରେ ଥିବା ପୋଷ୍ଟଅଫିସରେ କ'ଣ କ'ଣ କିଣିବାକୁ ମିଳେ ?**

______________________________

______________________________ ।

**(ଖ) ତୁମ ଅଞ୍ଚଳର ଲୋକମାନେ କେଉଁଠାରେ ଟଙ୍କା ଜମା ରଖନ୍ତି ?**

______________________________

______________________________ ।

**(ଗ) ପୋଷ୍ଟଅଫିସରେ କି କି କାମ ହୁଏ ?**

______________________________

______________________________ ।

(ଘ) ତୁମ ଘର ନିକଟରେ କେଉଁସବୁ ଧର୍ମ ଅନୁଷ୍ଠାନ ଅଛି ?

________________________________________

________________________________________ ।

(ଙ) ତୁମ ଗାଁ/ଅଞ୍ଚଳରେ କେଉଁ ଦିନ ହାଟ ହୁଏ ? ସେହି ହାଟରେ କ'ଣ କ'ଣ ବିକ୍ରି ହୁଏ ?

________________________________________

________________________________________ ।

(ଚ) ତୁମ ଗାଁ ନିକଟରେ କେଉଁଠାରେ ବଜାର ଅଛି ? ବଜାରରୁ ତୁମ ଗାଁ ଲୋକମାନେ କ'ଣ କ'ଣ କିଣନ୍ତି ?

________________________________________

________________________________________ ।

(ଛ) ତୁମ ଗାଁ ନିକଟରେ ହାଟ ନ ଥିଲେ ତୁମର କ'ଣ ଅସୁବିଧା ହୁଅନ୍ତା ?

________________________________________

________________________________________ ।

(ଜ) କୌଣସି କାରଣରୁ ତୁମ ଅଞ୍ଚଳ/ଗାଁରେ ପୋଷ୍ଟ ଅଫିସ ବନ୍ଦ କରି ଦିଆଗଲେ ତୁମର କି କି ଅସୁବିଧା ହେବ ?


________________________________________

________________________________________

## ଆମେ ଏବେଯାଏ କ'ଣ ଶିଖିଲେ

| | | |
|---|---|---|
| 'ଣ' ଫଳା ୍ଣ | 'ଲ' ଫଳା ୍ଲ | 'ଵ' ଫଳା ୍ଵ |
| 'ଯ' ଫଳା ୍ଯ | ରେଫ୍ 'ର୍' | ସ୍କ |
| ଣ୍ଡ | ଣ୍ଠ | ଝ |
| ନ୍ତ | ନ୍ଥ | ଦ୍ଧ |
| ନ୍ଧ | ଞ | ଞ୍ଚ |
| ମ୍ପ | ମ୍ଭ | ଷ୍ଣ |
| ଷ୍ଟ | ଷ୍ଠ | ଓ |
| | | ର୍ଣ୍ଡ |





## ପାଠ - ୧୦ ଶିକ୍ଷକ ଓ ଅଭିଭାବକଙ୍କୁ ସୂଚନା

ପିରିୟଡ଼ ସଂଖ୍ୟା – ୪୦

**କ'ଣ ଶିଖିବେ –**

**ଭାଷା:**
- ଷ୍ଣ, ଷ୍ଟ, ଷ୍ପ, ଉ ଯୁକ୍ତାକ୍ଷର ଚିହ୍ନିବେ ।
- ଠିକ୍ ବନାନ, ଯୁକ୍ତ ଶବ୍ଦ ପଢ଼ିବା ଶିଖିବେ । କୋଠରି, କୋଠରୀ - ଉଭୟ ଠିକ୍ । ଏହା ପିଲାଙ୍କୁ ଜଣାଇବେ ।
- ଶିଖିଥିବା ଯୁକ୍ତାକ୍ଷର ଠିକ୍ ରୂପେ ଲେଖିବେ ।
- ଠିକ୍ ବନାନ ସହିତ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ଶୁଣୁଥିବା, କହୁଥିବା, ପଢ଼ୁଥିବା ଓ ଲେଖୁଥିବା ବିଷୟକୁ ଭଲ ଭାବରେ ବୁଝି ପାରିବେ ।

**ପରିବେଶ:**
- ଆମ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାଟବଜାର, ପ୍ରାର୍ଥନାସ୍ଥଳୀ, ପୋଷ୍ଟଅଫିସ ।
- ଶିକ୍ଷକ ପ୍ରଥମେ ପାଠଟିକୁ ଆମୂଳଚୂଳ ପଢ଼ିବେ ଓ ବିଭିନ୍ନ ଭାଗକୁ ଅଲଗା କରିବେ ।
- ପ୍ରତ୍ୟେକ ଧର୍ମସ୍ଥାନ/ପୀଠ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଇଛି । ଆବଶ୍ୟକ ସ୍ଥଳେ ପୀଠଗୁଡ଼ିକ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବେ ।
- ପିଲାମାନଙ୍କୁ ଚିତ୍ରଗୁଡ଼ିକ ମନୋଯୋଗ ଦେଇ ଦେଖିବାକୁ ଦେବେ ।
- ଚିତ୍ରକୁ ଦେଖି ସେମାନେ ଦେଖିଥିବା ପୂଜାପୀଠଗୁଡ଼ିକ ସମ୍ପର୍କିତ ଅନୁଭୂତି ଶ୍ରେଣୀରେ କହିବାକୁ ସୁଯୋଗ ଦେବେ ।
- ପୋଷ୍ଟଅଫିସ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବେ ।
- ପ୍ରଥମେ ପୋଷ୍ଟଅଫିସ ଭାଗଟିକୁ ଆଲୋଚନା କରାଇବେ ଓ ପିଲାମାନେ ଚିହ୍ନିପାରୁନଥିବା ନୂଆ ଯୁକ୍ତାକ୍ଷରକୁ କଳାପଟାରେ ଲେଖିବେ ଓ ଅକ୍ଷରକୁ ପିଲାଙ୍କ ଦ୍ୱାରା ଚିହ୍ନାଇବେ ।
- ଅଧିକ ଯୁକ୍ତାକ୍ଷର ସମ୍ପର୍କିତ ଶବ୍ଦ ପଚାରି ଆଦାୟ କରିବେ ।
- ପିଲାଙ୍କୁ ଶବ୍ଦଖେଳ ଖେଳିବାକୁ ସୁଯୋଗ ଦେବେ । ଉଚ୍ଚାରଣ କରିବା ସୁଯୋଗ ଅଧିକରୁ ଅଧିକ ଦେବେ ।
- ଧର୍ମପୀଠଗୁଡ଼ିକର ଚିତ୍ର ସଂଗ୍ରହ କରିବାକୁ ଦେବେ ।
- ବିଭିନ୍ନ ଚିତ୍ରର ଆଲବମ୍ କରିବାକୁ ସୁଯୋଗ ଦେବେ ।

**ଅଭ୍ୟାସ:**
- ଅଭ୍ୟାସକାର୍ଯ୍ୟଗୁଡ଼ିକରେ ନିର୍ଦ୍ଦେଶ ଅନୁସାରେ କାମ କରାଇବେ ।
- ନଂ.-୧ ଶବ୍ଦଗୁଡ଼ିକ ସେମାନେ ନିଜେ ପଢ଼ିଲାପରେ ଆଦାୟ କରିବେ ।
- ଦିଆଯାଇଥିବା ପ୍ରଶ୍ନ.-୯କୁ ଆଲୋଚନା କରିବାକୁ ଦେବେ ଓ ବ୍ୟକ୍ତିଗତ ଭାବରେ ଲେଖିବାକୁ କହିବେ ।
- ବ୍ୟକ୍ତିଗତ ଭାବରେ ଲେଖିବାପରେ ଦଳରେ ପରସ୍ପର ପଢ଼ିବାକୁ ଦିଆଯାଇପାରେ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଶ୍ରେଣୀରେ ଆଦାୟ କରିବେ ।

ପାଠ - ୧୧

# ଏକତାର ବଳ

ପିମ୍ପୁଡ଼ିଙ୍କ ଦିନେ ବସିଲା ସଭା
ବିଚାରିଲେ ଆଖୁଚାଷ କରିବା ।
ଯତନେ କିଆରି ତିଆରି କଲେ,
ବାଛିବାଛି ଚାରା ଲଗାଇ ଦେଲେ ।
କିଆରିରେ ଦେଲେ ବାଡ଼ ଘେରାଇ
ପାତିମାଙ୍କଡ଼କୁ ଦେଲେ ଜଗାଇ ।
ବଢ଼ିଗଲା ଆଖୁ ହେଲା ପାକଳ
ହାତୀର ପାଟିରୁ ଗଡ଼ିଲା ଲାଳ ।





ଆଖୁକିଆରିରେ ପଶିଲା ହାତୀ
ଚମ୍ପାଗଛଡାଳୁ ଡାକିଲା ପାତି ।
ଶୁଣିଲେ ପିମ୍ପୁଡ଼ି ଆସିଲେ ଧାଇଁ
ହାତୀ ପିମ୍ପୁଡ଼ିଙ୍କ ହେଲା ଲଢ଼େଇ ।
ପିମ୍ପୁଡ଼ି କାମୁଡ଼ା ସହି ନପାରି
ହାତୀ ପଳାଇଲା ଜୀବନ ଧରି ।
କିଆରିରେ ହାତୀ ରହିଲା ନାହିଁ
ଖୁସିରେ ପିମ୍ପୁଡ଼ି ଉଠିଲେ ଗାଇ ।
ହାତୀ ଖାଇଯିବ ଆମ ସମ୍ପତ୍ତି
ଛାଡ଼ିଦେବୁ ଆମେ ପିମ୍ପୁଡ଼ି ଜାତି ?

## ଅଭ୍ୟାସ

**୧. ପଢ଼ ଓ ଲେଖ**

| | | | |
|---|---|---|---|
| ଡେସ୍କ | ଡେ ___ | କନିଷ୍ଠ | କନି___ |
| ବାଦ୍ୟ | ବା ___ | ସମଷ୍ଟି | ସମ ___ |
| ମେଣ୍ଢା | ମେ ___ | ବଳିଷ୍ଠ | ବଳି ___ |
| ଜନ୍ଦା | ଜ ___ | ସମ୍ପତ୍ତି | ସମ୍ପ ___ |
| ପାମ୍ପଡ଼ | ପା___ଡ଼ | ଅଳନ୍ଧୁ | ଅଳ ___ |

**୨. ସଜାଇ ଲେଖ ।**

| | | | |
|---|---|---|---|
| ଆଦହ୍ଲା | _____ | ବିସଶ୍ବା | _____ |
| ନରମସ୍କା | _____ | ସଅଭ୍ୟା | _____ |
| ଅଏଣ୍ଡୁ | _____ | ବନ୍ତସ | _____ |
| ବକନ୍ଧୁ | _____ | | |

**୩. ପଦ୍ୟଟି ପଢ଼ି ଉତ୍ତର ଲେଖ ।**

କ. ପିମ୍ପୁଡ଼ିମାନେ କି ଚାଷ କରିବା ପାଇଁ ବିଚାର କଲେ ?

______________________________

ଖ. କିଏ କିଆରି ଜଗିଲା ?

____________________________________

ଗ. କ'ଣ ଦେଖି ହାତୀର ପାଟିରୁ ଲାଳ ଗଡ଼ିଲା ?

____________________________________

ଘ. ପାତି କେଉଁଠାରୁ ଡାକ ଦେଲା ?

____________________________________

ଙ. ପାତିର ଡାକ ଶୁଣି ପିମ୍ପୁଡ଼ିମାନେ କ'ଣ କଲେ ?

____________________________________

ଚ. ପିମ୍ପୁଡ଼ିମାନେ ହାତୀ କବଳରୁ କିପରି ଆଖୁକିଆରିକୁ ରକ୍ଷା କଲେ ?

____________________________________

**୪. ଆମେ ବିଲରେ କ'ଣ କ'ଣ ଚାଷ କରୁ ?**

ଯେପରି - ଆଖୁ ______ ______

______ ______

______ ______

______ ______

______ ______

୫. ତଳେ ଦିଆଯାଇଥିବା ଛବିଗୁଡ଼ିକ ଦେଖ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।



କ.  ଦଶଟି ପକ୍ଷୀର ନାମ ଲେଖ ।

ଖ.  ପକ୍ଷୀମାନେ କେଉଁଠି ରହନ୍ତି ?

ଗ.  କେଉଁ ପକ୍ଷୀମାନଙ୍କର ରଙ୍ଗ କଳା ?

ଘ.  କେଉଁ ପକ୍ଷୀର ରଙ୍ଗ ହଳଦିଆ ?

ଙ.  କେଉଁ ପକ୍ଷୀ ପାଣିରେ ବୁଡ଼ି ମାଛ ଧରନ୍ତି ?

ଚ.  କେଉଁ ପକ୍ଷୀ ମଲା ଜୀବଜନ୍ତୁ ଖାଏ ?

୬. ତଳେ ଦିଆଯାଇଥିବା ପକ୍ଷୀମାନଙ୍କର ନାମ ଓ ସେମାନଙ୍କ ରଙ୍ଗ ଅନୁସାରେ ଠିକ୍ କୋଠରୀରେ ଲେଖ ।

ବଗ, ଶୁଆ, ହଂସ, ହଳଦିବସନ୍ତ, କାଉ, ଚିଲ, କୋଇଲି, ଶାଗୁଣା, କଜଳପାତି ।



୭. ପକ୍ଷୀଟିକୁ ଚିହ୍ନି ରଙ୍ଗ ଦିଅ ।

ପାଠ - ୧୧

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

କ'ଣ ଶିଖିବେ - ପିରିୟଡ ସଂଖ୍ୟା -୨୨

ଭାଷା : ପିଲାମାନେ ପଦ୍ୟଟିକୁ ସମୂହଭାବରେ ଓ ବ୍ୟକ୍ତିଗତ ଭାବରେ ଆବୃତ୍ତି କରିବେ।

- ସରଳଭାବରେ ସହଜ ପ୍ରଶ୍ନର ଉତ୍ତର ଦେବେ।
- ଛୋଟଛୋଟ ପ୍ରଶ୍ନ ପଚାରିବେ।
- ସରଳପଦ୍ୟକୁ ଉଚ୍ଚ ସ୍ୱରରେ ପଢ଼ିବେ।
- ଛୋଟଜୀବମାନଙ୍କର ଏକତା ଫଳରେ ବଡ଼ଜୀବକୁ କିପରି ପ୍ରତିହତ କରିପାରିଲେ ଏହି ମୂଲ୍ୟବୋଧ ଶିକ୍ଷା ଦିଆଯାଇଛି।
- ପିଲାମାନେ ପୂର୍ବରୁ ପଢ଼ିଥିବା ଯୁକ୍ତାକ୍ଷର ଥିବା ଶବ୍ଦଗୁଡ଼ିକର ପୁନରାବୃତ୍ତି କରାଯାଇଛି।

ପରିବେଶ- ପଶୁପକ୍ଷୀମାନଙ୍କୁ ଚିହ୍ନଟ କରିବେ।


- ଚିତ୍ରକୁ ମନୋଯୋଗ ଦେଇ ଦେଖିବାକୁ କହିବେ। କ'ଣ ଦେଖୁଛନ୍ତି ଓ ଚିତ୍ରରୁ କ'ଣ ଜାଣୁଛନ୍ତି ଆଲୋଚନା କରିବେ।
- ଗୀତଟିକୁ ଆବୃତ୍ତି କରିବେ ଓ ପିଲାଙ୍କ ଦ୍ୱାରା ଆବୃତ୍ତି କରାଇବେ।
- ପିମ୍ପୁଡ଼ିମାନଙ୍କର ଏକତା ଫଳରେ ହାତୀ କିପରି ହାର ମାନିଲା ତାହାର ଗୁରୁତ୍ୱ ଆଲୋଚନା କରିବେ।
- ପିମ୍ପୁଡ଼ିମାନେ କିପରି ଅନ୍ୟାୟର ପ୍ରତିବାଦ କରିଛନ୍ତି ତାହାର ସୂଚନା ଦେବେ ଓ ଆଲୋଚନା କରିବେ।
- ପିଲାମାନେ ଛୋଟଛୋଟ ପ୍ରଶ୍ନପ୍ରଚ୍ଛରିବା ପାଇଁ ସୁଯୋଗ ସୃଷ୍ଟି କରିବେ।

ଅଭ୍ୟାସ : ଗୀତକୁ ଆବୃତ୍ତି କରାଇବେ।

- ବ୍ୟକ୍ତିଗତଭାବରେ ଅଭ୍ୟାସ କରିବେ।
- ଶିକ୍ଷକ ମନରୁ ଆହୁରି ଅନେକଶବ୍ଦ ଦେଇପାରିବେ।
- ଶିକ୍ଷକ ପିଲାମାନେ ୧୦ ପାଠ ମଧ୍ୟରେ ପଢ଼ିଥିବା ବିଭିନ୍ନ ଯୁକ୍ତାକ୍ଷର ଥିବା ଶବ୍ଦଗୁଡ଼ିକୁ ଶ୍ରୁତିଲିଖନପାଇଁ ଦେବେ।
- ଅଭ୍ୟାସ ପ୍ରଶ୍ନ ୬ ଓ ୭ ଭଳି ଅନ୍ୟ ପ୍ରଶ୍ନ ମଧ୍ୟ ଦେଇପାରିବେ।

## ପାଠ - ୧୨

# ଆମ ଗାଆଁ



ଆମ ଗାଁର ନାମ ପୁଷ୍ପପୁର। ଏହାକୁ ଘେରି ରହିଛି ସବୁଜ ଶସ୍ୟକ୍ଷେତ। ଅଳ୍ପଦୂରରେ ଟିକିନଇଟି କୁଳୁକୁଳୁ ଶବ୍ଦ କରି ବହିଯାଉଛି। ଗାଁମୁଣ୍ଡରେ ଶିବମନ୍ଦିର ଅଛି। ଗାଁର ଅଧାରୁ ଅଧିକ ଲୋକ ଚାଷ କାମ କରି ପେଟ ପୋଷନ୍ତି। କ୍ଷେତରେ ଧାନ, ଗହମ, ମୁଗ, ବିରି ଓ ଚିନାବାଦାମ ଚାଷ କରନ୍ତି। ନିଜ ପରିବାର ଚଳିବାପାଇଁ ଖାଦ୍ୟଶସ୍ୟ ରଖି ଅବଶିଷ୍ଟ ବିକ୍ରି କରିଥା'ନ୍ତି। ଏହାଫଳରେ ଅନ୍ୟ ଲୋକମାନେ ସେ ସବୁ ସୁବିଧାରେ ପାଇପାରନ୍ତି।

48CH7N



ଗାଁର ଆଉ କେତେକ ଲୋକ କାଠରେ ଖଟ, ଚଉକି, ଟେବୁଲ, କବାଟ ଓ ଝରକା ଆଦି ତିଆରି କରନ୍ତି। ସେମାନଙ୍କୁ କାଠ ମିସ୍ତ୍ରୀ କୁହାଯାଏ। ଯାହାର ଯେଉଁ ଜିନିଷ ଦରକାର ସେ ତା'ର ଉଚିତ ଦାମ୍ ଦେଇ ସେମାନଙ୍କଠାରୁ କିଣିଥା'ନ୍ତି।

ଗାଁରେ ନାନାପ୍ରକାର ପର୍ବପର୍ବାଣି ପାଳିତ ହୁଏ। ଲୋକମାନେ ପରସ୍ପର ମିଳିମିଶି ମନଫୂର୍ତ୍ତିରେ ପର୍ବପର୍ବାଣି ପାଳିଥା'ନ୍ତି। ଗାଁର ପରିବେଶକୁ ସବୁଜ ସତେଜ ରଖିବାପାଇଁ ଲୋକମାନେ ବୃକ୍ଷରୋପଣ କରନ୍ତି। ଫଳରେ ଗାଁଠାରୁ ଅଳ୍ପ ଦୂରରେ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି ହୋଇଛି। ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସତ୍ ପରିଶ୍ରମ କେବେ ହେଲେ ନିଷ୍ଫଳ ହୁଏ ନାହିଁ।



ଗାଁରେ ବହୁତ ଲୋକ ଫୁଲଚାଷ କରୁଥିବାରୁ ଗାଁଟିର ନାମ ପୁଷ୍ପପୁର ରଖାଯାଇଛି।






ଗାଁର ଅଳ୍ପ କିଛି ଲୋକ ମାଟିରେ ହାଣ୍ଡି, ମାଠିଆ, ସରା ଗଢ଼ନ୍ତି ।



ଆଉ କେତେକ ଲୋକ ଲୁହାକାମ କରି ପେଟ ପୋଷନ୍ତି । ସେମାନେ ଦାଆ, କଟୁରି, ପନିକି, ପିଠାଖଡ଼ିକା, କୋଡ଼ି, କୋଦାଳ ଆଦି ତିଆରି କରନ୍ତି ।

କେତେକ ଲୋକ ଗ୍ରାମବାସୀମାନଙ୍କର ମଇଳା ଲୁଗା ଓ ପୋଷାକ ସଫା କରନ୍ତି । ସେଗୁଡ଼ିକ ସାବୁନ ଓ ଲୁଗାସଫା ପାଉଡର୍‌ରେ ସଫାକରନ୍ତି ଓ ଇସ୍ତ୍ରୀକରି ପାରିଶ୍ରମିକ ନିଅନ୍ତି ।





ଗାଁର କିଛି ଲୋକ ନଈ, ନାଳ, ପୋଖରୀରୁ ମାଛଧରି ପେଟପୋଷନ୍ତି । କେତେକଲୋକ ଗାଈ, ମଇଁଷି ପାଳନ କରନ୍ତି । ସେମାନେ କ୍ଷୀର ବିକ୍ରିକରି ଜୀବିକାନିର୍ବାହ କରନ୍ତି ।

ଆମ ଗାଁର ବାଚସ୍ପତି ମହାରଣା ଜଣେ ମୂର୍ତ୍ତିକାରିଗର । ସେ ପଥରରେ ସୁନ୍ଦରସୁନ୍ଦର ମୂର୍ତ୍ତି ତିଆରି କରନ୍ତି । ତାଙ୍କ ହାତର ସ୍ପର୍ଶ ପାଇ ପଥରର ମୂର୍ତ୍ତି ଜୀବନ୍ତ ହୋଇଉଠେ ।



ଗାଁର ଲୋକମାନେ ଭିନ୍ନଭିନ୍ନ କାମ କରୁଥିଲେ ହେଁ ସେମାନଙ୍କ ମନ ଏକ । ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଥାଏ । କେହି କାହାକୁ ଛୋଟ ବୋଲି ଭାବନ୍ତି ନାହିଁ । ସମସ୍ତେ ମିଳିମିଶି ଚଳନ୍ତି । ଏକାଠି ମିଶି ନିଷ୍ପତ୍ତି ନିଅନ୍ତି ।

# ଏମାନଙ୍କୁ ଚିହ୍ନ ।



## ଅଭ୍ୟାସ

**୧ । ଉଚ୍ଚାରଣ କରି ପଢ଼ ଓ ତା' ପାଖରେ ଲେଖ ।**

| | | |
|---|---|---|
| ସ୍ପଷ୍ଟ ______ | ନିଷ୍ଫଳ ______ | କାଳ୍ପନିକ ______ |
| ପୁଷ୍ପ ______ | ନିଷ୍ପକ୍ଷ ______ | କାସ୍ପିଆନ ______ |
| ଗଳ୍ପ ______ | ଆସ୍ପର୍ଦ୍ଧା ______ | କଳ୍ପତରୁ ______ |
| ସ୍ପ୍ରିଙ୍ଗ୍ ______ | ସ୍ଫୁଲିଙ୍ଗ ______ | ସ୍ପର୍ଶେନ୍ଦ୍ରିୟ ______ |
| ସ୍ପର୍ଦ୍ଧା ______ | ସ୍ପର୍ଶକ ______ | ପୁଷ୍ପାଞ୍ଜଳି ______ |
| ସ୍ଫୂର୍ତ୍ତି ______ | ଅଳ୍ପାୟୁ ______ | ଆସ୍ଫାଳନ ______ |

**୨ । ପାଠଟିକୁ ପଢ଼ି ସେଥିରେଥିବା 'ଳ୍ପ, ସ୍ପ, ଷ୍ପ' ଲାଗିଥିବା ଶବ୍ଦଗୁଡ଼ିକୁ ବାଛି ଲେଖ ।**

ଳ୍ପ ______ ______ ______ ______ ______

ସ୍ପ ______ ______ ______ ______ ______

ଷ୍ପ ______ ______ ______ ______ ______

**୩ । ଗୋଲ ମଧ୍ୟରୁ ଅକ୍ଷର ନେଇ ଖାଲି ଜାଗାରେ ଲେଖ ।**

ଷ୍ପ, ସ୍ପା, ଳ୍ପା
ସ୍ପି, ଷ୍ଫ, ସ୍ପ
ଷ୍ଟ, ସ୍ଫା

ନି______କ୍ଷ

ନି______ଳ

ପର______ର

ଗା______କ

ଅ______ୟୁଷ

______ଟିକ

୪ । 'କ' ସ୍ତମ୍ଭରେ ଥିବା ଶବ୍ଦ ସହ 'ଖ' ସ୍ତମ୍ଭରୁ ଉପଯୁକ୍ତ ଶବ୍ଦ ବାଛି ଯୋଡ଼ ।

| 'କ' | 'ଖ' |
|---|---|
| ଇସ୍ପାତ | ବାଷ୍‌ପ |
| ଅଳ୍ପ | କଲ୍‌ପବଟ |
| ବାଷ୍ପ | ଆସ୍‌ଫାଳନ |
| ନିଷ୍ଫଳ | ଇସ୍‌ପାତ |
| କଳ୍ପବଟ | ନିଷ୍‌ଫଳ |
| ଆସ୍ଫାଳନ | ଅଲ୍‌ପ |
| ଆସ୍ପର୍ଦ୍ଧା | ଗଲ୍‌ପ |
| ଗଳ୍ପ | ନିଷ୍‌ପତ୍ତି |
| ନିଷ୍ପତ୍ତି | ଆସ୍‌ପର୍ଦ୍ଧା |

୫ । ବାକ୍ୟଗୁଡ଼ିକ ପଢ଼ । ଦେଖି ଦେଖି ତା' ତଳେ ଲେଖ ।

(କ) ପଶ୍ଚିମଦିଗରେ ଅଳ୍ପ ମେଘ ଉଠିଛି ।

________________________________________ ।

(ଖ) କେତେକବୃକ୍ଷ ପୁଷ୍ପବନ୍ତ କିନ୍ତୁ ନିଷ୍ଫଳ ।

________________________________________ ।

(ଗ) ଜଳ ଗରମ ହେଲେ ବାଷ୍ପ ହୁଏ ।

________________________________________ ।

(ଘ) ବୃଥାଆସ୍ଫାଳନ ଠିକ୍ ନୁହେଁ ।

________________________________ ।

(ଙ) ସ୍ପୃହା ନଥିଲେ କୌଣସି କାମ ହୁଏନାହିଁ ।

________________________________ ।

୬ । ପାଠଟିକୁ ପଢ଼ି ଉତ୍ତର ଲେଖ ।

କ. ଚାଷୀମାନେ କି କି ଚାଷ କରନ୍ତି ?

________________________________

ଖ. ମାଟିକାରିଗର କେଉଁସବୁ ଜିନିଷ ମାଟିରେ ତିଆରି କରିଥା'ନ୍ତି ?

________________________________

________________________________

ଗ. କାଠକାରିଗର କ'ଣ କ'ଣ ତିଆରି କରନ୍ତି ?

________________________________

________________________________

ଘ. ଗୋପାଳକ କି କି ଜିନିଷ ବିକ୍ରି କରନ୍ତି ?

________________________________

________________________________

ଙ. ବାଚସ୍ପତି ମହାରଣା କ'ଣ କରନ୍ତି ?

________________________________________

________________________________________

ଚ. ଆମ ଗାଁ'କର ଲୋକମାନେ କିପରି ଥାଆନ୍ତି ?

________________________________________

________________________________________

୭. ତୁମ ଗାଆଁ/ଅଞ୍ଚଳରେ ଲୋକମାନେ କି କି କାମ କରନ୍ତି ଲେଖ ।

____________ ____________

____________ ____________

____________ ____________

୮ । ଧନ୍ଦାଗୁଡ଼ିକୁ ପଢ଼ । ଖାଲିଘରେ କାମର ନାମ ଲେଖ ।

କ. ଚକଟାମାଟି ଚକରେ ଥୋଇ

ହାଣ୍ଡିମାଠିଆ ଗଢ଼ି ଦିଅଇ ।

[ ]

ଖ. ନୂଆକନା କାଟୁଛି ଚିରାଫଟା ଯୋଡୁଛି

ନୂଆନୂଆ ପୋଷାକ ଯେତେ, ଆମ ପାଇଁ କରୁଛି ।

[ ]

ଗ. ବୁଲାଇ ତନ୍ତ କରି ମିହନ୍ତ

କପଡ଼ା ଥାନ ବୁଣେ

ଅଳ୍ପମୂଲ୍ୟରେ ଯୋଗାଇ ଦେଇ


ସଭିଙ୍କ ମନ କିଣେ

୯ । କୋଠରୀ ଭିତରେ ଯେକୌଣସି ଦିଗର ପାଖାପାଖି ଅକ୍ଷରଗୁଡ଼ିକ ଯୋଡ଼ିଲେ ଗୋଟିଏ କାମର ନାମ ପାଇବ । କାମଗୁଡ଼ିକ ଖୋଜି ପାଖ ବାକ୍ସରେ ଲେଖ ।

| | | | | | | |
|---|---|---|---|---|---|---|
| ମ | | ସୁ | ନା | କା | ମ | ଣା |
| | କା | | | ମ | ବୁ | |
| ଗୋ | | ହା | କା | ଗା | | ଟା |
| ପା | | ଠ | ଲୁ | | | କ |
| ଳ | କା | | | ଗା | | ଳ |
| ନ | ବ୍ୟ | ବ | ସା | ୟ | ସ | ବା |
| | ରା | ଜ | ମି | ସ୍ତ୍ରୀ | | ଫା |

ଲୁହାକାମ

୧୦ । ଚିତ୍ର ସହ ଡାହାଣ ପଟର ଯେଉଁ କାମ ସହ ସମ୍ପର୍କ ଅଛି ତାକୁ ଗାରଟାଣି ଯୋଡ଼ ।



ଚାଷକାମ

କାଠକାମ

ଘରତିଆରି କାମ

ରୋଗୀସେବା

ପାଠପଢ଼ା

୧୧ । ତୁମ ଘରେ କେହି କାମ ନକଲେ କ'ଣ ଅସୁବିଧା ହେବ ?

______________________________

______________________________

୧୨ । ଚିତ୍ରଦେଖି ଏମାନେ କେଉଁ କେଉଁ କାମ କରୁଛନ୍ତି ଲେଖ ।




______________________________

______________________________

______________________________









___________________________

___________________________

___________________________

୧୩। ତୁମ ଗାଁରେ ଚାଷୀଟିଏ ଯେଉଁସବୁ ଫସଲ କରେ ତାକୁ ବୁଝି ତାଲିକା କର ।

_____ _____ _____

_____ _____ _____

_____ _____ _____

_____ _____ _____

_____ _____ _____



୧୪। 'କ' ସ୍ତମ୍ଭରେ କେତୋଟି କାମ ବିଷୟରେ କୁହାଯାଇଛି। 'ଖ' ସ୍ତମ୍ଭରେ ଦିଆଯାଇଥିବା କାମର ନାମ ସହିତ ତାହାକୁ ଗାର ଟାଣି ଯୋଡ଼।

| 'କ' | 'ଖ' |
|---|---|
| ଲୁଗାପଟା ସଫା କରି ଇସ୍ତ୍ରୀ କରିବା | ମିଠା ତିଆରି କାମ |
| ବାଲି ସିମେଣ୍ଟରେ ଇଟା ଓ ପଥରକୁ ଯୋଡ଼ି ଘର ତିଆରି କରିବା। | ଲୁଗା ସଫାକରିବା କାମ |
| ରସଗୋଲା, ଲଡ୍ଡୁ, ଜିଲାପି, ଗଜା ଆଦି ମିଠାଜିନିଷ ତିଆରି କରି ବିକ୍ରି କରିବା। | ରାଜମିସ୍ତ୍ରି କାମ |
| ଲୋକମାନଙ୍କଠାରୁ ମାପ ନେଇ ଜାମା, ପ୍ୟାଣ୍ଟ ଆଦି ସିଲାଇ କରିବା। | ରୋଗୀସେବା କାମ |
| ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବା। | ସାଇକେଲ୍ ମରାମତି କାମ |
| ଦେହ ଖରାପ ସମୟରେ ରୋଗୀମାନଙ୍କର ପରୀକ୍ଷା କରି ଔଷଧ ଦେବା। | ଦରଜି କାମ |
| ଲୋକମାନଙ୍କର ସାଇକେଲ ଖରାପ ହେଲେ ମରାମତି କରିବା। | ପାଠ ପଢ଼ାଇବା କାମ |

# ପାଠ - ୧୨ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ୍ ସଂଖ୍ୟା –୪୫

କ'ଣ ଶିଖିବେ –

ଭାଷା :
- ସ୍ଥ, ଜ୍ଞ, ସ୍ତ, ସ୍କ, ଷ୍ଣ, ଷ୍ଟ ଯୁକ୍ତାକ୍ଷରଗୁଡ଼ିକୁ ଚିହ୍ନିବେ ।
- ବନାନ୍ ଯୁକ୍ତ ଶବ୍ଦ ପଢ଼ିବା ଶିଖିବେ ।
- ଶିଖିଥିବା ଯୁକ୍ତାକ୍ଷରକୁ ଠିକ୍‌ରୂପେ ଲେଖିବେ ।
- ଠିକ୍‌ବନାନ ସହ ପରିଷ୍କାର ଶବ୍ଦ ଓ ବନାନ ଲେଖିବେ ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝିପାରିବେ ।

ପରିବେଶ :
- ଗାଁ', ପଡ଼ାର ବୃତ୍ତିଗୁଡ଼ିକୁ ଚିହ୍ନିବେ ।
- ଜୀବନଧାରଣପାଇଁ ବୃତ୍ତି/କାର୍ଯ୍ୟର ଆବଶ୍ୟକତା ଜାଣିବେ ।
- ଶିକ୍ଷକ ପାଠଟିକୁ ପଢ଼ିବେ । ଚିତ୍ର, ଗୀତ ଓ ଉପକରଣଗୁଡ଼ିକ ସଂପର୍କରେ ଧାରଣାଦେବେ ।
- ଚିତ୍ରଗୁଡ଼ିକୁ ଦେଖାଇବେ । ପିଲାମାନେ ଚିତ୍ରଗୁଡ଼ିକୁ ମନୋଯୋଗଦେଇ ଦେଖିବେ ।
- ଚିତ୍ରରେ କ'ଣ ଦେଖୁଛନ୍ତି ଆଲୋଚନା କରିବେ ।
- ଗୀତଗୁଡ଼ିକ ଗାଇବାକୁ କହିବେ ଓ କାହା ବିଷୟରେ ଲେଖାଯାଇଛି ପଚାରିବେ ।
- ଜୁଆଳି ଓ କୋଦାଳପରି ଚାଷ କାମରେ କ'ଣ କ'ଣ ଉପକରଣ ବ୍ୟବହାର ହୋଇଥାଏ ଅନୁଭୂତିରୁ କହିବାକୁ କହିବେ । ଚିତ୍ରଗୁଡ଼ିକରେ ଅଳ୍ପକଥା କୁହାଯାଇଛି । ପିଲାମାନେ ଅଧିକ ଜାଣିଥିବେ ।
- ସେମାନେ ଦେଖିଥିବା କାମଗୁଡ଼ିକୁ ଆଲୋଚନା କରିବେ ।
- ଏଠାର ୮ଟି ଚିତ୍ର/କାମର ଆଲୋଚନା କରାଯାଇଛି । ଅଧିକକାମ ବିଷୟରେ ପିଲାକୁ ଧାରଣା ଦେବେ ।
- ଶିଖିବାକୁଥିବା ଯୁକ୍ତାକ୍ଷରଗୁଡ଼ିକ ବହିରୁ ବାହାର କରି କଳାପଟାରେ ଲେଖିବେ ଓ ଚିହ୍ନାଇବେ । ଉଚ୍ଚାରଣ କରିବାକୁ କହିବେ । ପିଲାମାନେ ପରସ୍ପରକୁ ପଚାରି ଉଚ୍ଚାରଣ ସ୍ପଷ୍ଟ କରିବାପାଇଁ ସୁଯୋଗ ସୃଷ୍ଟି କରିବେ ।


ଅଭ୍ୟାସ :
- ପ୍ରତ୍ୟେକ ଅଭ୍ୟାସ କାର୍ଯ୍ୟ ପାଇଁ ସୂଚନା ଦିଆଯାଇଛି ।
- ପ୍ରଶ୍ନ ୮ ଆଲୋଚନା କରାଇବେ ଓ ଅଭ୍ୟାସକାର୍ଯ୍ୟ ଗୁଡ଼ିକୁ ବ୍ୟକ୍ତିଗତଭାବରେ କରିବାକୁ କହିବେ ।
- ଶ୍ରେଣୀରେ ସମସ୍ତ ପ୍ରଶ୍ନର ଉତ୍ତର ଆଦାୟ ହେବ ।
- ଶ୍ରୁତଲିଖନ ଉପରେ ଗୁରୁତ୍ୱ ଦେବେ ।
- ସଂଗ୍ରହ କରିବାକୁ (୧୩) ଦିଆଯାଇଥିବା ପ୍ରଶ୍ନ ଘରୁ ପଚାରି ଲେଖିବାକୁ କହନ୍ତୁ ଓ ଶ୍ରେଣୀରେ ଆଲୋଚନା କରନ୍ତୁ ।
- ଅଭ୍ୟାସ ପ୍ରଶ୍ନ ୪ରେ କେତେକ ଯୁକ୍ତାକ୍ଷରକୁ ବିକଳ୍ପଢଙ୍ଗରେ ଲେଖିବା ବିଷୟରେ ସୂଚନା ଦିଆଯାଇଛି; ଯେପରି ଇସ୍ପାତ=ଇସ୍‌ପାତ୍ ସ୍ପ, ଜ୍ଞ,ଷ୍ଟ ପରି ନିରନୁନାସିକ ଯୁକ୍ତାକ୍ଷରକୁ ହଳନ୍ତ ଯୋଗରେ ବିକଳ୍ପପଦ୍ଧତିରେ ଲେଖାଯାଇପାରେ। ଏହି ପ୍ରଶ୍ନରେ ତାହାର ସୂଚନା ଦିଆଯାଇଛି। ପିଲାମାନଙ୍କୁ ଏ ବିଷୟରେ ଅବଗତକରାଇବେ।
- ବସ୍ତ୍ର, ଅସ୍ତ୍ର ପରି ଶବ୍ଦରେ 'ସ'ରେ ତ୍ର-ଫଳା ବ୍ୟବହାର କରାଯାଇଛି। ବସ୍ତ୍ର, ଅସ୍ତ୍ର, ଶସ୍ତ୍ର ପ୍ରଭୃତି ଶବ୍ଦକୁ ଯଥାକ୍ରମେ ବସ୍ତ୍ର, ଅସ୍ତ୍ର, ଶସ୍ତ୍ର, ଭାବରେ ମଧ୍ୟ ଲେଖାଯାଇପାରେ।

ପାଠ - ୧୩

# ବେଙ୍ଗୁଲି କରୁଛି କେଁ କଟର

ଏକ ଶୀତୁଆସକାଳ । ଚତୁର୍ଦ୍ଦିଗ କୁହୁଡ଼ି ଭର୍ତ୍ତି । ବେଙ୍ଗସର୍ଦ୍ଦାରର ସଙ୍ଗୀତ ଦଳ ଏକାଠି ହୋଇଛନ୍ତି । ସର୍ଦ୍ଦାର ଉଦ୍ଭାବନ କରିଥିବା ନୂଆସୁର ଅଭ୍ୟାସ ହେବ । ନିର୍ଦ୍ଦେଶ ପାଇବାମାତ୍ରେ କଇଁଛର ମର୍ଦ୍ଦଳ, ପାଣିଧଣ୍ଡର ବଂଶୀ, କଙ୍କଡ଼ାର





ହାରମୋନିୟମ୍, ମାଙ୍କଡ଼ର ଢୋଲକି, ଠେକୁଆର ଡୁବିତବଲା ଶବ୍ଦରେ ଆଖଡ଼ାଘର କମ୍ପିଉଠିବ ।

ଶୀତଯୋଗୁଁ ବେଙ୍ଗମାନଙ୍କ କଣ୍ଠରୁଦ୍ଧ ହୋଇଯାଉଥାଏ । ଗୀତ ଅଭ୍ୟାସ ହୋଇପାରିଲା ନାହିଁ । ଥଣ୍ଡାପାଗ ଯୋଗୁଁ ଏ ଦୁର୍ଦ୍ଦଶା ବୋଲି ସର୍ଦ୍ଦାର ଜାଣି ପାରିଲା । ସେ କହିଲା, "ଦେଖ ଭାଇମାନେ, ଶୀତଦିନ ପରେ ଖରାଦିନ ଆସିବ । ପାଗ ଗରମ ରହିବ । ଗୁଳୁଗୁଳି ହେବ । ଝାଳ ବୋହିବ । ସେତେବେଳେ ମଧ୍ୟ ଆମେ ଏକାଠି ହୋଇପାରିବା ନାହିଁ । ତା'ପରେ ବର୍ଷାଦିନରେ କୋହଲାପାଗ ହେବ । ଚାଲ, ଏବେ ଆମେ ନିଶ୍ଚଳ ହୋଇ ମାଟିତଳେ ଶୋଇବା । ମୁଁ ଦକ୍ଷିଣଦିଗକୁ ଯାଉଛି ଶୋଇବି ।" ଏହାପରେ

ଯେ ଯାହାର ଜାଗା ବାଛି ନିଃଶବ୍ଦରେ ଶୋଇଗଲେ । ଖରାଦିନ ଯାଇ ବର୍ଷାଦିନ ଆସିଲା । ଆକାଶରେ କଳାହାଣ୍ଡିଆ ମେଘ ଘୋଟିଥାଏ । ବିଜୁଳି ଚମକୁଥାଏ । ଏହି ସମୟରେ



ଘଡ଼ଘଡ଼ି ଶବ୍ଦରେ ପୃଥିବୀ ଥରିଉଠିଲା । ବେଙ୍ଗମାନଙ୍କ ନିଦ ଭାଙ୍ଗିଲା । ସେମାନେ ସର୍ଦ୍ଦାର ପାଖକୁ ଯିବାକୁ ବାହାରିଲେ । କିନ୍ତୁ ନିର୍ଦ୍ଦିଷ୍ଟ ଦିଗ ଜାଣିପାରିଲେ ନାହିଁ । କ'ଣ କରିବେ ଭାବି ବସିଲେ । ସେମାନଙ୍କ ମଧ୍ୟରେ ଥିଲା ବୃଦ୍ଧବେଙ୍ଗଟିଏ । ସେ କହିଲା, "ମୁଁ ବହୁତ ବୁଦ୍ଧିମାନ ।" ସେ ଚାରି ଆଡ଼କୁ ଚାହିଁଲା । ଦେଖିଲା, ଗୋଟିଏ ପଟରୁ ଆକାଶ ଧୀରେଧୀରେ ଫରଚା ହେଉଛି । "ଦେଖ ଏ ପଟେ ସୂର୍ଯ୍ୟ ଉଦୟ ହେଉଛି । ଏହା ନିଶ୍ଚୟ ପୂର୍ବଦିଗ । ଏପଟକୁ ମୁହଁ କରି ଛିଡ଼ା ହେଲେ ତୁମ ପଛପଟ ହେବ ପଶ୍ଚିମଦିଗ । ତୁମର ଡାହାଣହାତ ଦକ୍ଷିଣଦିଗ ହେବ ଓ ବାମହାତ ଉତ୍ତରଦିଗ ହେବ ।" ତା'ପରେ ସେମାନେ ଡାହାଣପଟ ଦିଗକୁ ଗଲେ । ଗୀତ ଅଭ୍ୟାସ କଲେ । ଅଭ୍ୟାସ କରୁକରୁ ଆଷାଢ଼ମାସର ଚତୁର୍ଦ୍ଦଶୀ ତିଥି ପହଞ୍ଚିଗଲା । ସେଦିନ ବାଘମାମୁର ବାହାଘର ।

ସଙ୍ଗୀତଦଳ ସେଠାରେ ପହଞ୍ଚିଲେ । ଗୀତ ଗାଇଲେ । ଖାଣ୍ଟି ଗୁଆଘିଅରେ ମିଠା ଓ କ୍ଷୀରୀ ହୋଇଥିଲା । ମନଭରି ଭୋଜି ଖାଇଲେ ।

ବେଙ୍ଗମାନଙ୍କ ପେଟରେ ଘିଅ କି ହଜମ ହୁଏ ? ପେଟ ଗୋଳମାଳ ହେଲା । ଝାଡ଼ା ହେଲା । ହନୁବଇଦ କେତେ ପ୍ରକାର ଉଦ୍ଭିଦର ଚେର ଆଣି ଔଷଧ ତିଆରି କଲା । ସେମାନେ ଔଷଧ ଖାଇ ଝାଡ଼ାରୁ ଉଦ୍ଧାର ପାଇଲେ ସିନା ସେମାନଙ୍କ ସ୍ୱରଯନ୍ତ୍ରଗୁଡ଼ିକ ଖରାପ ହୋଇଗଲା । ସେମାନେ ଆଉ ପୂର୍ବଭଳି ଗୀତ ଗାଇ ପାରିଲେ ନାହିଁ । ସେହିଦିନଠୁ ସେମାନେ କେଁ କଟର ଶବ୍ଦ କରିଆସୁଛନ୍ତି ।

## ଅଭ୍ୟାସ


୧। ପଢ଼ ଓ ଲେଖ ।

| | | |
|---|---|---|
| ଫର୍ଦ୍ଦ ______ | ଅର୍ଦ୍ଧଳି ______ | ବୁଦ୍ଧ ______ |
| ଶୁଦ୍ଧ ______ | ବିଶୁଦ୍ଧ ______ | କରମର୍ଦ୍ଦନ ______ |
| ଶବ୍ଦ ______ | ଶନିଶ୍ଚର ______ | ଉର୍ଦ୍ଧ୍ୱ ______ |
| ନିଶ୍ଚୟ ______ | ଶବ୍ଦାବଳୀ ______ | ଯୁଦ୍ଧ ______ |
| ଉଦ୍ଭଟ ______ | ଅର୍ଦ୍ଧରାତ୍ର ______ | ପଶ୍ଚିମ ______ |

ଚିତ୍ର ଦେଖ । ବାଜାଗୁଡ଼ିକର ନାମ କୁହ ।



୨। ପାଠଟି ପଢ଼ । ସେଥିରେ ଥିବା ବ୍ଦ, ଦ୍ଧ, ଦ୍ଭ, ଷ୍ଟ, ଭ ଅକ୍ଷର ଥିବା ଶବ୍ଦଗୁଡ଼ିକୁ ଫୁଲର ଉପଯୁକ୍ତ ପାଖୁଡ଼ାରେ ଲେଖ ।




୩। ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

ସରର୍ଦ୍ଧା _______ ମାର୍ଦ୍ଧନ _______ ଉରଦ୍ଭା _______

ବିଦ୍ଭରୁ _______ ଉଦଭି _______ ସ୍ୱବଭା _______

ଶଦ୍ଧୀତା _______ ଭୁତଅ _______ ମଷ୍ଟିପ _______

ଶନିଃବ୍ଦ _______

୪। ନାଲି ଅକ୍ଷରରେ ଲେଖାଥିବା ଭୁଲ ଶବ୍ଦଟିକୁ କାଟି ବାକ୍ୟଟି ସଜାଅ ।

(କ) ସୂର୍ଯ୍ୟ ପୂର୍ବ ପଶ୍ଚିମଦିଗରେ ଅସ୍ତ ହୁଅନ୍ତି ।

(ଖ) ବିଦ୍ୟାଳୟରେ ବାଘ ଦେଖି ପିଲାଟି ଆଶ୍ଚର୍ଯ୍ୟ ନିର୍ଭୟ ହୋଇଗଲା ।

(ଗ) ଉଦ୍ଭିଦ ପ୍ରାଣୀମାନେ ଚଲାବୁଲା କରି ପାରନ୍ତି ନାହିଁ ।

(ଘ) ଅଶ୍ୱ ଶାର୍ଦ୍ଦୁଳ ବଣରେ ରହେ ।

(ଙ) ଢୋଲ ବଜାଇଲେ ଜୋର୍‌ରେ ଶବ୍ଦ ଗନ୍ଧ ହୁଏ ।

(ଚ) ମୋ ଜେଜେ ଯୁବକ ବୃଦ୍ଧ ହୋଇଗଲେଣି ।

୫। ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଖାଲି ଯାଗାରେ ଲେଖ ।

(ନିଶ୍ଚୟ, ବୁଦ୍ଧିଆ, ସର୍ଦ୍ଦି, ନିଃଶବ୍ଦ, ଅଦ୍ଭୁତ)

(କ) କାଲି ରାତିରେ ମୁଁ ଗୋଟିଏ ______ ସ୍ୱପ୍ନ ଦେଖିଲି ।

(ଖ) ପିଲାଟି ______ ଯୋଗୁ ନାକ ସୁଁ ସୁଁ କରୁଛି ।

(ଗ) ମୋ ମାମୁ କାଲି ______ ଆସିବେ ।

(ଘ) ବିଲୁଆ ଏକ ______ ପ୍ରାଣୀ ।

୬। ଗପଟିକୁ ପଢ଼ି ଉତ୍ତର ଲେଖ ।

(କ) କଇଁଛ କ'ଣ ବଜାଉ ଥିଲା ?

ଉତ୍ତର:-

______________________________ ।

(ଖ) ଶୀତଦିନେ କ'ଣ ହେବାରୁ ବେଙ୍ଗମାନେ ଗୀତଗାଇପାରିଲେନାହିଁ ।

ଉତ୍ତର:-

______________________________ ।

(ଗ) ବେଙ୍ଗମାନେ ମାଟିତଳେ କିପରି ଶୋଇଲେ ?

ଉତ୍ତର:-

______________________________ ।

(ଘ) କେଉଁ ତିଥିରେ ବାଘମାମୁର ବାହାଘର ହୋଇଥିଲା ?

ଉତ୍ତର:-

______________________________ ।

(ଙ) ହନୁବଇଦ କେଉଁଥିରୁ ଔଷଧ ତିଆରି କରିଥିଲା ?

ଉତ୍ତର:-

______________________________ ।

୭। ବାକ୍ୟଗୁଡ଼ିକ ଅଧା ଲେଖା ହୋଇଛି । ତଳେ ଦିଆଯାଇଥିବା ଶବ୍ଦ ଲଗାଇ ବାକ୍ୟଗୁଡ଼ିକୁ ପୂରା କର ।

(କ) ନର୍ଦ୍ଦମା :- ଆମଘର ପାଖରେ ________ ।

(ଖ) ବୁଦ୍ଧିମତୀ :-ନୀନା ସିନା ସାନ କିନ୍ତୁ ________ ।

(ଗ) ଶବ୍ଦ :-ବର୍ଷାଦିନେ ଘଡ଼ଘଡ଼ି ________ ।

(ଘ) ପଶ୍ଚାତାପ :-ଜ୍ୟୋତି ନିଜ ଦୋଷ ଜାଣିବା ପରେ ________ ।

(ଙ) ଉଦ୍ଭିଦ :-ଜଙ୍ଗଲରେ ଅନେକ ପ୍ରକାର ________ ।

୮। ତୁମ ଗାଆଁ / ଅଞ୍ଚଳର କେଉଁ ଦିଗରେ କ'ଣ ଅଛି ଦିଆଯାଇଥିବା କୋଠରୀରେ ଲେଖ ।

| ପୂର୍ବଦିଗ | ପଶ୍ଚିମଦିଗ | ଦକ୍ଷିଣଦିଗ | ଉତ୍ତରଦିଗ |
|---|---|---|---|
| | | | |

୯। ତଳେ ଦିଆଯାଇଥିବା ଦୃଶ୍ୟଗୁଡ଼ିକ ଯେଉଁ ଋତୁ ସହ ସମ୍ପର୍କିତ, ତାହା ସହିତ ଗାର ଟାଣି ଯୋଡ଼ ।





ବର୍ଷାଋତୁ    ଗ୍ରୀଷ୍ମଋତୁ    ଶୀତଋତୁ





୧୦। ଉତ୍ତର ଲେଖ ।

(କ) ତୁମେ ପଶ୍ଚିମ ଦିଗକୁ ଅନାଇ ଠିଆହେଲେ ତୁମର ଦକ୍ଷିଣହସ୍ତ କେଉଁ ଦିଗକୁ ରହିବ ?

ଉତ୍ତର: ____________________________________ ।

(ଖ) ତୁମେ ଦକ୍ଷିଣଦିଗକୁ ଅନାଇ ଠିଆହେଲେ ତୁମ ବାମହାତ କେଉଁ ଦିଗକୁ ରହିବ ?

ଉତ୍ତର: ____________________________________ ।

(ଗ) ତୁମେ ଉତ୍ତରଦିଗକୁ ଅନାଇ ଠିଆହେଲେ ତୁମପିଠି କେଉଁ ଦିଗକୁ ରହିବ ?

ଉତ୍ତର: ______________________________ ।

୧୧। କେଉଁ ଦିନମାନଙ୍କରେ ଏହା ହେଉଥିବ ?

(କ) ଚତୁର୍ଦ୍ଦିଗ କାଦୁଅ ପଚ୍‌ପଚ୍ ହୁଏ __________

(ଖ) ଛକ ଜାଗାମାନଙ୍କରେ ଜଳଛତ୍ର ଖୋଲାଯାଏ __________

(ଗ) ସକାଳୁ ସକାଳୁ କୁହୁଡ଼ି ଦେଖାଯାଏ __________

(ଘ) କଳାଚଷମା, ଛତା, ଚପଲ, ପାଣିବୋତଲର ବ୍ୟବହାର ବଢ଼େ __________

(ଙ) ଲୋକେ ଗରମପୋଷାକ ବ୍ୟବହାର କରନ୍ତି __________ ।

୧୨। ଗୋଟିଏ ଶବ୍ଦ ବଦଳାଇ ବାକ୍ୟଟି ଠିକ୍ କରି ଲେଖ ।

(କ) ସୂର୍ଯ୍ୟ ପଶ୍ଚିମଦିଗରେ ଉଦୟ ହୁଅନ୍ତି ।

ଉତ୍ତର: ______________________________ ।

(ଖ) ଶୀତଦିନେ ବହୁତ ଗୁଳୁଗୁଳି ହୁଏ ।

ଉତ୍ତର: ______________________________ ।

(ଗ) ଖରାଦିନେ ପାଗ କୋହଲା ହୁଏ ।

_______________________________________ ।

(ଘ) ବର୍ଷାଦିନେ କୁହୁଡ଼ି ହୁଏ ।

_______________________________________ ।

**୧୩। ଟିକିଏ ଭାବ, ଲେଖ ।**

ଯଦି ସୂର୍ଯ୍ୟ ନଥା'ନ୍ତା, ତାହାହେଲେ କ'ଣ ହୁଅନ୍ତା ?

_______________________________________

_______________________________________

_______________________________________

**୧୪। ଯଦି ମୋଟେ ବର୍ଷା ହେବ ନାହିଁ ତା' ହେଲେ କ'ଣ ହେବ ?**


_______________________________________

_______________________________________

_______________________________________

**୧୫। ତଳେ ଦିଆଯାଇଥିବା ଡଙ୍ଗାମାନଙ୍କରେ ରଙ୍ଗ ଦିଅ ।**





## ପାଠ - ୧୩ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ୍ ସଂଖ୍ୟା - ୪୭

**କ'ଣ ଶିଖିବେ -**

**ଭାଷା**

- ☐ ଞ୍ଚ, ଞ୍ଛ, ଞ୍ଜ, ଷ୍ଟ, ଭ ଯୁକ୍ତାକ୍ଷରକୁ ଚିହ୍ନିବେ ।
- ☐ ବନାନ ସହିତ ଶବ୍ଦ ପଢ଼ିବା ଶିଖିବେ ।
- ☐ ଶିଖିଥିବା ଯୁକ୍ତାକ୍ଷରକୁ ଠିକ୍ ରୂପେ ଲେଖିବେ ।
- ☐ ଠିକ୍‌ବନାନ ସହିତ ସ୍ପଷ୍ଟ ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ☐ ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝିପାରିବେ ।
- ☐ ନୂଆଶବ୍ଦ ଖୋଜିବାକୁ କହିବେ ।
- ☐ ନୂଆଯୁକ୍ତାକ୍ଷର ଗୁଡ଼ିକୁ ଚିହ୍ନାଇବେ ।
- ☐ ନୂଆଯୁକ୍ତାକ୍ଷରର ରୂପ ପ୍ରାୟ ଏକାପ୍ରକାରର । ତେଣୁ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇବାକୁ କହିବେ । ଉଚ୍ଚାରଣ ସ୍ପଷ୍ଟ କରାଇବେ ।
- ☐ ନୂଆଶବ୍ଦଗୁଡ଼ିକ ବଡ଼ପାଟିରେ ଉଚ୍ଚାରଣ କରାଇବେ ।

**ପରିବେଶ**

- ☐ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସାହାଯ୍ୟରେ ଦିଗ ନିର୍ଣ୍ଣୟ ।
- ☐ ପାଗ ଓ ପ୍ରକୃତି ସହିତ ଋତୁର ସମ୍ପର୍କ ।
- ☐ ପିଲାମାନେ ଚିତ୍ର ଦେଖିବେ । ଚିତ୍ରରେ କ'ଣ କ'ଣ ହେଉଛି ଲକ୍ଷ୍ୟ କରିବେ । ଶିକ୍ଷକ ଚିତ୍ର ସଂପର୍କରେ ଆଲୋଚନା କରିବେ ।
- ☐ ସଙ୍ଗୀତଦଳର ଚିତ୍ରକୁ ପିଲାମାନେ ଦେଖିବେ । ଚିତ୍ରରେ କ'ଣ କ'ଣ ହେଉଛି, ଏମାନେ କ'ଣ କରୁଛନ୍ତି, ଆଲୋଚନା କରିବେ ।
- ☐ ଶିକ୍ଷକ ତା'ପରେ ଗପଟି କହିବେ ।
- ☐ ଖରା, ବର୍ଷା, ଶୀତ ଦିନର ଅନୁଭୂତି ପିଲାମାନଙ୍କୁ ପଚାରିବେ ।
- ☐ ପିଲାଙ୍କୁ ବାହାରକୁ ନେଇ ସୂର୍ଯ୍ୟ ଥିବା ଦିଗକୁ ଦେଖାଇବେ । ପଚାରିବେ । ଦ୍ୱିପହରରେ ସୂର୍ଯ୍ୟଙ୍କୁ ଦେଖି ଦିଗ ଜାଣିବା କଷ୍ଟ; ତେଣୁ ପିଲାଙ୍କୁ ସୂର୍ଯ୍ୟ କେଉଁଦିଗରେ ଉଦୟ ହୁଅନ୍ତି ପରଦିନ ଦେଖି ଆସିବାକୁ କହିବେ ।
- ☐ ଚିତ୍ର ଦେଖାଇବେ ଓ ଚିତ୍ର (ପିଲାଟି ସୂର୍ଯ୍ୟ ଆଡ଼କୁ)ରେ କ'ଣ ଦେଖୁଛନ୍ତି ଆଲୋଚନା କରିବାକୁ ଦେବେ ଓ ଦିଗଗୁଡ଼ିକ ଚିହ୍ନାଇବାପାଇଁ ପିଲାଙ୍କୁ କହିବେ ।
- ☐ ଅଭ୍ୟାସକାର୍ଯ୍ୟ ବ୍ୟକ୍ତିଗତ ଭାବରେ କରାଇବେ ।
- ☐ ବ୍ୟକ୍ତିଗତ ଭାବରେ ଓ ଦଳଗତ ଆଲୋଚନା କରିବାକୁ ସୁଯୋଗ ଦେବେ । ପରେ ଶିକ୍ଷକ ଉତ୍ତର ଆଦାୟ କରିବେ ।
- ☐ ୧୩ ଓ ୧୪ ନମ୍ବର ପ୍ରଶ୍ନ ପିଲା ନିଜେ ଯେତେ ଭାବି ଲେଖିବେ ଭଲ । ଶିକ୍ଷକ ସେଥିପାଇଁ ଉତ୍ସାହିତ କରିବେ । ଏହାର ଉତ୍ତର ଭିନ୍ନଭିନ୍ନ ହେବ । ଏଣୁ ଶିକ୍ଷକ କହିବେ ନାହିଁ ।
- ☐ ପିଲାଙ୍କୁ ଶ୍ରେଣୀକୁ ରଙ୍ଗ ଆଣିବାକୁ କୁହନ୍ତୁ ଓ ଶ୍ରେଣୀରେ ରଙ୍ଗଦିଆ କାମ କରାଇଲେ ଠିକ୍ ହେବ ।

ପାଠ - ୧୪

# ଖରା, ବର୍ଷା, ଶୀତ

48V9AY



ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।

 : ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?

 : ଶୀତଦିନେ ଅଧିକ ଥଣ୍ଡା ହୁଏ । ଆମେ ଶୀତପୋଷାକ ପିନ୍ଧୁ । ନିଆଁ ଜଳାଇ ତା' ପାଖରେ ବସୁ ।

 : ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?


 : ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି ।

## ଅଭ୍ୟାସ

### ୧। ଆସ ପଢ଼ିବା ଓ ଲେଖିବା ।

| | | |
|---|---|---|
| ମୁକ୍ତ ______ | ଡାକ୍ତର______ | ହସ୍ତୀ ______ |
| ରକ୍ତ ______ | ଯୁକ୍ତାକ୍ଷର ______ | ହସ୍ତ ______ |
| ଭକ୍ତ ______ | ହସ୍ତାକ୍ଷର ______ | ଦସ୍ତା ______ |
| ଶକ୍ତି ______ | ପ୍ରାପ୍ତପତ୍ର ______ | ପ୍ରସ୍ତାବ ______ |
| ଯୁକ୍ତ______ | ବଜ୍ରକାପ୍ତା______ | ପୁସ୍ତକ______ |
| ବିଭକ୍ତ______ | ସପ୍ତାହ______ | ଶୂନ୍ୟହସ୍ତ ______ |
| ବିଦ୍ୟୁତ୍ ଶକ୍ତି______ | ଦପ୍ତର______ | ବିଶ୍ୱସ୍ତ ______ |
| ସପ୍ତଫେଣୀ______ | ତୃପ୍ତପ୍ରାଣ______ | ଆଶ୍ୱସ୍ତ ______ |

ଚିତ୍ର ଦେଖ : ପରିବାଡାଲା ପାଖରେ ପରିବା ନାମ ଲେଖ । ଫଳଡାଲା ପାଖରେ ଫଳର ନାମ ଲେଖ ।



୨। ପଢ଼ିବା, ଲେଖିବା ଓ ମନେରଖିବା ।

ସାଧୁର ଲକ୍ଷଣ ଈଶ୍ୱରଭକ୍ତି, ଦୁଗ୍ଧ ପାନକଲେ ବଢ଼ଇ ଶକ୍ତି ।

୩। ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକ ନେଇ ଶବ୍ଦ ଗଢ଼ ଓ ବାକ୍ୟରେ ରଖ ।

ଯେପରି — ଶକ୍ତି, ଡାକ୍ତର

ଶ କ୍ତ ର
ଅ
ହ କ୍ତି କ
ର ବ
ଭ ପ୍ତ
ଡା ମ
ମ ସ୍ତ
ଗୁ
ମୁ
ପୁ
ସ

୪। ଅସଜଡ଼ା ଶବ୍ଦକୁ ଠିକ୍ କରି ଲେଖ ।

ଡାରକ୍ତ ____________________

ଅପ୍ତତୃ ____________________

କ୍ତରବି ____________________

ହସ୍ତାରକ୍ଷ ____________________

ସ୍ତକପୁ ____________________

୫। ବିଭିନ୍ନ ଋତୁରେ ହେଉଥିବା ଫୁଲ, ଫଳ, ପରିବାର ନାମ ଲେଖ ।

| ଜିନିଷ | ଗ୍ରୀଷ୍ମଋତୁ | ବର୍ଷାଋତୁ | ଶୀତଋତୁ |
|---|---|---|---|
| ଫୁଲ | | | |
| ଫଳ | | | |
| ପରିବା | | | |

୬। ଆଲୋଚନା କରି ଉତ୍ତର ଲେଖ ।

(କ) କେଉଁ ଋତୁରେ ଗଛଲତା ଝାଉଁଳି ଯାଆନ୍ତି ?

______________________________

(ଖ) କେଉଁ ଋତୁରେ ନଈରେ ବଢ଼ି ଆସେ ?

______________________________

(ଗ) କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

______________________________

(ଘ) ନଈବଢ଼ି ଆସିଲେ କ'ଣ ଅସୁବିଧା ହୁଏ ?

______________________________

(ଙ) ଆମେ ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଓ କ'ଣ ?

______________________________

______________________________

(ଚ) କେଉଁ ଋତୁରେ ବେଶୀ ପରିବା ମିଳେ ?

______________________________

(ଛ) କେଉଁ ଋତୁରେ ଆମ୍ବ ଓ ପଣସ ପାଚେ ?

______________________________

## ୭। ଋତୁ ସହ ସମ୍ପର୍କ ଥିବା କାମକୁ ଯୋଡ଼ ।

| | |
|---|---|
| ବର୍ଷାଋତୁ | ଧାନଅମଳ ହୁଏ, ବେଙ୍ଗ ମାଟିତଳେ ଲୁଚିରହେ । |
| ଗ୍ରୀଷ୍ମଋତୁ | ଧାନଗଛ ଉଠି ବିଲ ସବୁଜ ଦିଶେ<br>ମୟୂର ଆନନ୍ଦରେ ନାଚେ |
| ଶୀତଋତୁ | ଧାନ ବୁଣିବାପାଇଁ ଭୂମି ହଳ କରାଯାଏ ।<br>ପଶୁପକ୍ଷୀମାନେ ଅଧିକ କଷ୍ଟ ପାଆନ୍ତି । |

## ୮। ଖାଲି ଘର ପୂରଣ କର ।

(କ) ନଈପୋଖରୀ ______ ଋତୁରେ ଶୁଖିଯାଏ ।

(ଖ) ନଈପୋଖରୀରେ ______ ଋତୁରେ ପାଣି ଗୋଳିଆ ଦେଖାଯାଏ ।

(ଗ) ପକ୍ଷୀମାନେ ______ ଋତୁରେ ଅଧିକ ଶୀତ ହେଉଥିବା ସ୍ଥାନରୁ ଅଳ୍ପ ଶୀତ ହେଉଥିବା ସ୍ଥାନକୁ ଉଡ଼ି ଯାଆନ୍ତି ।

(ଘ) ଲୋକମାନେ ______ ଋତୁରେ ବଣଭୋଜି କରିବାକୁ ଆଗ୍ରହୀ ହୁଅନ୍ତି ।

୯। ଆଲୋଚନା କରି ଲେଖ ।

(କ) ତୁମ ଗାଁ' / ଅଞ୍ଚଳରେ ଲୋକମାନେ କେଉଁ ଋତୁରେ କେଉଁ ପରିବାଚାଷ କରନ୍ତି ପଚାରି ବୁଝି ଲେଖ ।

______________________________

______________________________

______________________________

(ଖ) ତୁମ ଗାଁ' / ଅଞ୍ଚଳରେ ଲୋକମାନେ କେଉଁ ସମୟରେ ଧାନ ବୁଣନ୍ତି ଓ ଧାନ ଅମଳ କରନ୍ତି ପଚାରି ବୁଝି ଲେଖ ।

______________________________

______________________________


______________________________

୧୦। ତୁମ ବଗିଚାରେ କେଉଁ ଋତୁରେ କେଉଁ ଫୁଲ ଫୁଟୁଛି ଲକ୍ଷ୍ୟକର ଓ ଲେଖ ।

| ଋତୁର ନାମ | ଫୁଟୁଥିବା ଫୁଲର ନାମ |
|---|---|
| ଗ୍ରୀଷ୍ମଋତୁ | |
| ବର୍ଷାଋତୁ | |
| ଶୀତଋତୁ | |

## ୧୧। ଆସ ଗାଇବା, ଓଡ଼ିଆ ମାସ ଓ ଋତୁମାନଙ୍କୁ ଲେଖିବା ।

ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ,
ପ୍ରଚଣ୍ଡ ରୌଦ୍ର ପରକାଶ ।



ବର୍ଷାରେ ଆଷାଢ଼ ଶ୍ରାବଣ
ମେଘ ବରଷେ ଘନଘନ ।



ଭାଦ୍ର ଆଶ୍ୱିନ ଶରତରେ,
ନିର୍ମଳ ଶୋଭା ଜଗତରେ ।



ହିମେ କାର୍ତ୍ତିକ ମାର୍ଗଶିର,
ରାତିରେ ପଡ଼ଇ ଶିଶିର ।



ଶୀତରେ ପୌଷ ମାଘମାସ,
ଦେହରେ ରଖ ଶୀତବାସ ।



ଫାଲଗୁନ୍ ଚୈତ୍ର ବସନ୍ତରେ,
ମୃଦୁ ମଳୟ ମନ ହରେ ।



ବାରମାସର କଥା ଏଇ
ହେଜ ବାଳକେ ମନ ଦେଇ ।

- ମଧୁସୂଦନ ରାଓ

ଆମ ଓଡ଼ିଆ ମାସଗୁଡ଼ିକ ହେଲା :

______, ______, ______, ______,
______, ______, ______, ______,
______, ______, ______, ______ ।


ଆମ ଋତୁଗୁଡ଼ିକ ହେଲା :

______, ______, ______, ______, ______, ______

## ୧୨। ଆସ ପଢ଼ିବା ଓ ଲେଖିବା ।

| | | |
|---|---|---|
| ଉଚ୍ଚ ________ | ସ୍ୱଚ୍ଛ________ | ବିଜ୍ଞ ________ |
| ଉଚ୍ଚାରଣ________ | କଚ୍ଛପ________ | ଅବଜ୍ଞା________ |
| ଗୁଚ୍ଛ________ | ଆଚ୍ଛାଦନ________ | ଯଜ୍ଞ ________ |
| ତୁଚ୍ଛ________ | ବିଚ୍ଛେଦ________ | ଜ୍ଞାନ ________ |
| ଉଚ୍ଚାଟ________ | ଉଚ୍ଛନ୍ନ________ | ବିଜ୍ଞାନ ________ |
| ଉଚ୍ଚାସନ________ | ବିଚ୍ଛିନ୍ନ________ | ବିଜ୍ଞପ୍ତି ________ |

## ୧୩। ତୁମକୁ ଭଲ ଲାଗୁଥିବା ରଙ୍ଗରେ ଫୁଲକୁ ରଙ୍ଗ ଦିଅ ।



## ପାଠ - ୧୪ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୪୫

**କ'ଣ ଶିଖିବେ -**

**ଭାଷା**

- ☐ କ୍ତ, ପ୍ତ, ସ୍ତ ଯୁକ୍ତାକ୍ଷର ଚିହ୍ନିବେ ।
- ☐ ଢ, ଛ, ଞ୍ଜ ର ଅଭ୍ୟାସ କାର୍ଯ୍ୟ କରିବେ ।
- ☐ ବନାନସହିତ ଶବ୍ଦ ପଢ଼ିବା ଶିଖିବେ ।
- ☐ ଶିଖିଥିବା ଯୁକ୍ତାକ୍ଷର ଠିକ୍ ରୂପେ ଲେଖିବେ ।
- ☐ ଠିକ୍ ବନାନସହିତ ସ୍ପଷ୍ଟ ଭାବରେ ଶବ୍ଦ, ବାକ୍ୟ ଲେଖିବେ ।
- ☐ ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝି ପାରୁଥିବେ ।

**ପରିବେଶ**

- ☐ ଋତୁସହ ମଣିଷର କାର୍ଯ୍ୟ ।
- ☐ ଋତୁସହ ଉଦ୍ଭିଦର ସମ୍ପର୍କ ।
- ☐ ଋତୁସହ ପକ୍ଷୀର ସମ୍ପର୍କ ।
- ☐ ପିଲାମାନେ ଚିତ୍ରଗୁଡ଼ିକସହ ଲେଖାଗୁଡ଼ିକ ମନୋଯୋଗ ସହକାରେ ଦେଖିବେ ।
- ☐ ଚିତ୍ରଗୁଡ଼ିକରୁ କ'ଣ ବୁଝୁଛନ୍ତି ଆଲୋଚନା କରିବେ । (ଜେଜେ ଓ ନାତୁଣୀ ପରସ୍ପର ପ୍ରଶ୍ନ ପଚାରି ବୁଝାବୁଝି ହେଉଛନ୍ତି ।)
- ☐ ପ୍ରଥମେ ଗାଁ'ର ଚିତ୍ରକୁ ଦେଖି ଆଲୋଚନା କରିବେ । କେଉଁ ସମୟ ବା ଋତୁର ଚିତ୍ର ପଚାରିବେ ।
- ☐ ଖରାଦିନରେ କ'ଣ ହୁଏ ? ବର୍ଷାଦିନରେ କ'ଣ କ'ଣ ହୁଏ ? କ'ଣ ଫଳ, ପରିବା, ଫୁଲ ହୁଏ ଆଲୋଚନା କର ।
- ☐ ପାଠଟିକୁ ପିଲାମାନେ ପଢ଼ିବେ । ଅଜଣା ଶବ୍ଦଗୁଡ଼ିକ ପିଲାମାନଙ୍କୁ ପଚାରିବାକୁ କହିବେ ।
- ☐ ଶବ୍ଦଗୁଡ଼ିକ କଳାପଟାରେ ଲେଖିବେ ଓ ଅକ୍ଷର ଚିହ୍ନାଇବେ ।
- ☐ ଶବ୍ଦଗୁଡ଼ିକ ପଢ଼ିବାପାଇଁ ପଚାରିବେ । ଶବ୍ଦଗୁଡ଼ିକଥିବା ବାକ୍ୟଗୁଡ଼ିକ ଲେଖିବାପାଇଁ କହିବେ ।
- ☐ ପକ୍ଷୀମାନଙ୍କ ଋତୁସହ ସମ୍ପର୍କ ଥାଏ କି ? ଯଦି ଥାଏ କ'ଣ ଥାଏ ଅନୁଭୂତିରୁ ଆଲୋଚନା କରିବାକୁ ଦେବେ । ଶିକ୍ଷକ କିଛି ତଥ୍ୟ ଯୋଗାଇବେ । ଚିଲିକା, ହୀରାକୁଦକୁ ପକ୍ଷୀ ଆସିବା କଥା କହିବେ ।

**ଅଭ୍ୟାସ**

- ☐ ୨ ଓ ୧୧ ନମ୍ବରର ଉତ୍ତର ପିଲାଙ୍କଠାରୁ ଆଦାୟ କରିବେ ।
- ☐ ୧, ୯ ଓ ୧୧ ନମ୍ବର ପ୍ରଶ୍ନର ଉତ୍ତର ଆଲୋଚନା କରିବାକୁ ସୁଯୋଗ ଦେବେ ।
- ☐ ଅନ୍ତାକ୍ଷରୀ ଖେଳ ଖେଳାଇବେ ।




ପାଠ - ୧୫

# ଆମ ଅଞ୍ଚଳର ଭୂମିରୂପ

ଉତ୍ସବ ବାବୁଙ୍କ ପୁଅର ନାମ ଉତ୍ପଳ । ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପଢ଼ିସାରି ଗାଁକୁ ଫେରିଲା । ସେ ଜଣେ ଉତ୍ସାହୀ ଯୁବକ । ସେ ଚାକିରି ନକରି ଚାଷ କରିବାକୁ ଚାହିଁଲା ।

ଉତ୍ପଳ ବାପାଙ୍କୁ କହିଲା, "ବାପା, ଆମ ନଈ ପାଖ ଜମି ଭାରି ଉର୍ବର । ଗାଁର ପଶ୍ଚିମ ପାଖ ପାହାଡ଼ ତଳ ଜମି ପଡ଼ିଆ । ସେହି ଜାଗାଟି ଉଚ୍ଚ ପଥୁରିଆ ହୋଇଛି । ଘାସ ହୋଇଛି । ଗାଈ, ଛେଳି ଚରନ୍ତି । ଗାଁ ପିଲାମାନେ ସେଠାରେ ଖେଳନ୍ତି । ବେଳେବେଳେ ଆନନ୍ଦରେ ଚିତ୍କାର କରନ୍ତି । ପାହାଡ଼ରୁ ତ ଝରଣା ବାହାରିଛି । ପଡ଼ିଆକୁ କାମରେ ଲଗାଇ ହେବ । ଏଥିପାଇଁ କୃଷି ଅଫିସରଙ୍କସହ କଥାବର୍ତ୍ତା ହେବା ।"

4955CL



ଦିନେ ସମୟ କରି କୃଷିଅଫିସରଙ୍କ ପାଖକୁ ଦୁହେଁ ଗଲେ । ତାଙ୍କସହ ପରାମର୍ଶ କଲେ । କୃଷିଅଫିସର କହିଲେ, ପଡ଼ିଆଜମିକୁ ଗୋବରଖତ ଦେଇ ଉର୍ବର କରାଯାଏ । ଗୋବରଖତ ଏକ ଉତ୍କୃଷ୍ଟ ସାର । ଜମିରେ ପକେଇଲେ ଜମିର ଉତ୍ପାଦିକାଶକ୍ତି ବଢ଼େ । ଫସଲ ଉତ୍ପାଦନ ଭଲ ହେବ ।



ଆପଣ ସେଠି ଆମ୍ବ, ପଣସ, ବର, ଅଶ୍ୱତ୍ଥ, ଶାଳ, ଦେବଦାରୁ, ତେନ୍ତୁଳି, ଜାମୁ ଓ ଖଜୁରୀଗଛ ଲଗେଇପାରିବେ ।

ଆପଣ ପଡ଼ିଆକୁ ଅନ୍ୟ ଉପାୟରେ ବ୍ୟବହାର କରିପାରିବେ । ଗାଈ, କୁକୁଡ଼ା ଓ ଛେଳି ଫାର୍ମ କରିବେ । ନଦୀପାଖ ଜମିରେ ଧାନଚାଷ ତ ଭଲ ହେଉଥିବ । ତା' ସହିତ ବିରି, ମୁଗ, ସୋରିଷ, ବାଦାମ୍ ଆଦି ଭଲ ହେବ । ଆଳୁ, କୋବି, ବାଇଗଣ ଓ କଖାରୁ ମଧ୍ୟ ଲଗେଇପାରିବେ ।




ଢିପ ଜମିରେ କପା, ରାଶି ଓ କାନ୍ଦୁଲ ଭଲହୁଏ ।

ପଡ଼ିଆ, ବିଲ, ବଣ, ପାହାଡ଼, ପଥୁରିଆ ଅଞ୍ଚଳ, ଏ ସବୁ ହେଉଛି ଭୂମିର ବିଭିନ୍ନ ରୂପ ।

କୃଷିଅଫିସରଙ୍କ ପରାମର୍ଶ ଅନୁସାରେ ପଡ଼ିଆ ଥିବା ଜମିକୁ କାମରେ ଲଗାଗଲା । ଜମିରୁ ଅଧିକ ଉତ୍ପାଦନ ହେଲା ।



## ପଶୁମାନଙ୍କର ନାମ ଲେଖ :



## ଅଭ୍ୟାସ

**୧। ପଢ଼ ଓ ମନେରଖ ।**
୧। ପଢ଼ ଓ ମନେରଖ ।

(କ) ଆମ ଜନ୍ମଭୂମି ଉତ୍କଳଦେଶ

ଉତ୍କଳ କୀରତି ଅଟେ ଅଶେଷ ।

ସର୍ବ ଉତ୍ପାତୁ ତୋତେ ହରି

ରଖନ୍ତୁ ବତ୍ସ କୃପା କରି ।

**(ଖ) ପଢ଼ ଓ ଲେଖ -**

**ସ୍ଖଳନ, ସ୍ଖଳିତ, ଭୂସ୍ଖଳନ** ______ ______ ______

**୨। ପାଠରେ ତ୍କ, ତ୍ସ, ତ୍ପ ଥିବା ଶବ୍ଦଗୁଡ଼ିକୁ ଲେଖ ।**
୨। ପାଠରେ ତ୍କ, ତ୍ସ, ତ୍ପ ଥିବା ଶବ୍ଦଗୁଡ଼ିକୁ ଲେଖ ।


________ ________ ________ ________ ________

________ ________ ________ ________ ________

**୩। ତଳ ଶବ୍ଦଗୁଡ଼ିକୁ ପଢ଼ ଓ ଲେଖ ।**
୩। ତଳ ଶବ୍ଦଗୁଡ଼ିକୁ ପଢ଼ ଓ ଲେଖ ।

| | |
|---|---|
| ଉତ୍କଟ ________ | ଭର୍ତ୍ସନା ________ |
| ଉତ୍କଳ ________ | ଉତ୍ସାହିତ ________ |
| ଉତ୍କଳିକା ________ | ଉତ୍ପତ୍ତି ________ |
| ଉତ୍ସ ________ | ଉତ୍ପାଦନ ________ |
| ଉତ୍ସବ ________ | ଉତ୍ସାହ ________ |
| ଉତ୍ପନ୍ନ ________ | |

## ୪। ଶବ୍ଦ ଗଢ଼ି ମାଛ ଲାଞ୍ଜରେ ଲେଖ । ଯେପରି -
୪। ଶବ୍ଦ ଗଢ଼ି ମାଛ ଲାଞ୍ଜରେ ଲେଖ । ଯେପରି -




## ୫। ଆଲୋଚନା କରି ଉତ୍ତର ଲେଖିବା ।
୫। ଆଲୋଚନା କରି ଉତ୍ତର ଲେଖିବା ।

(କ) କୃଷିଅଫିସର ପଡ଼ିଆଜମିରେ କି କି ଚାଷ କରିବା ପାଇଁ ଉତ୍ପଳଙ୍କୁ ପରାମର୍ଶ ଦେଲେ ?

ଉତ୍ତର: ______________________________

______________________________

(ଖ) ପଡ଼ିଆ ଜମିକୁ କିପରି ଉର୍ବର କରାଯାଏ ?

ଉତ୍ତର: ______________________________

______________________________

(ଗ) ନଦୀ ପାଖ ଜମିରେ କେଉଁ ଫସଲ ଭଲ ହୁଏ ?

ଉତ୍ତର: ______________________________

______________________________

(ଘ) ୫ଟି ବଡ଼ ଗଛର ନାମ ଲେଖ ।

ଉତ୍ତର: ______________________________

୬। (କ) ତୁମ ଅଞ୍ଚଳରେ କି ପ୍ରକାର ଭୂମି ଅଛି ଲେଖ ।

୬। (କ) ତୁମ ଅଞ୍ଚଳରେ କି ପ୍ରକାର ଭୂମି ଅଛି ଲେଖ ।

ଉତ୍ତର: ______________________________

______________________________

(ଖ) ତୁମ ଅଞ୍ଚଳର ଜମିରେ କେଉଁ କେଉଁ ଫସଲ କରାଯାଏ ?

ଉତ୍ତର: ______________________________

______________________________

(ଗ) ତୁମ ଗାଆଁର ଲୋକମାନେ କେଉଁ କେଉଁ ପଶୁ ପକ୍ଷୀ ପାଳନ କରନ୍ତି ?

ଉତ୍ତର: ______________________________

______________________________

(ଘ) ତୁମ ଅଞ୍ଚଳର ଲୋକମାନେ ଜମିରେ ଭଲ ଫସଲ ପାଇଁ କେଉଁ ସାର / ଖତ ପ୍ରୟୋଗ କରନ୍ତି ପଚାରି ବୁଝି ଲେଖ ।

ଉତ୍ତର: ______________________________

______________________________ ।

୭। ପଢ଼ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।
୭। ପଢ଼ ଓ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ମତ୍ସ୍ୟମାନେ ଜଳରେ ବାସ କରନ୍ତି । ସେମାନଙ୍କୁ ଜଳରୁ କାଢ଼ି ଆଣିଲେ ଅଳ୍ପକ୍ଷଣ ମଧ୍ୟରେ ମରିଯିବେ । ମତ୍ସ୍ୟମାନଙ୍କର ପାଦ ନାହିଁ । ସେମାନଙ୍କ ଲାଞ୍ଜ ଓ ଡେଣା ପହଁରିବାରେ ସାହାଯ୍ୟ କରେ । ମତ୍ସ୍ୟମାନଙ୍କ ଦେହରେ କାତି ଥାଏ ।

**(କ) କେଉଁମାନେ ଜଳରେ ବାସ କରନ୍ତି ?**

ଉତ୍ତର: ______________________________

______________________________________।

**(ଖ) କାହାର ପାଦ ନାହିଁ ?**

ଉତ୍ତର: ______________________________

**(ଗ) ଲାଞ୍ଜ ଓ ଡେଣା ସାହଯ୍ୟରେ କେଉଁମାନେ ପହଁରି ପାରନ୍ତି ?**

ଉତ୍ତର: ______________________________

୮। ଖାଲି ଘର ପୂରଣ କର ।
୮। ଖାଲି ଘର ପୂରଣ କର ।

(କ) ନଈ ପାଖ ଜମି ଭାରି __________ ।


(ଖ) ପାହାଡ଼ରୁ __________ ବାହାରିଛି ।

(ଗ) ପଡ଼ିଆଜମିକୁ କାମରେ ଲଗାଇବା ପାଇଁ __________ଙ୍କ ସହ ପରାମର୍ଶ କରିବା ।

(ଘ) ଜମିରେ ଖତସାର ପକାଇଲେ ଜମିର __________ ଶକ୍ତି ବୃଦ୍ଧିପାଏ ।

(ଙ) ଗାଈ ଗୋଟିଏ __________ ପଶୁ ।

୯। ତଳେ ଦିଆଯାଇଥିବା ଗଛଟିର ଚିତ୍ର ପୂରା କର ।
୯। ତଳେ ଦିଆଯାଇଥିବା ଗଛଟିର ଚିତ୍ର ପୂରା କର ।
ସେଥିରେ ରଙ୍ଗ ଦିଅ ।



ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପାଠ - ୧୫

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ୍ ସଂଖ୍ୟା - ୩୯

କ'ଣ ଶିଖିବେ -

**ଶିକ୍ଷା**

- ☐ କ୍ର, ପ୍ର, ସ୍ତ ଓ ସ୍ଥ ଯୁକ୍ତାକ୍ଷର ଚିହ୍ନିବେ ।
- ☐ ବନାନ ସହିତ ଶବ୍ଦ ପଢ଼ିବେ ।
- ☐ ଶିଖିଥିବା ଯୁକ୍ତାକ୍ଷରକୁ ଠିକ୍ ରୂପେ ଲେଖିବେ ।
- ☐ ଠିକ୍ ବନାନ ସହିତ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ☐ ଶୁଣୁଥିବା, କହୁଥିବା, ପଢ଼ୁଥିବା ଓ ଲେଖୁଥିବା ବିଷୟକୁ ଭଲ ଭାବରେ ବୁଝି ପାରୁଥିବେ ।
- ☐ ନୂଆ ଶବ୍ଦରୁ ଅକ୍ଷରକୁ ଚିହ୍ନାଇବେ (ପିଲାଙ୍କ ଦ୍ୱାରା), ଶବ୍ଦକୁ ଲେଖିବାକୁ କହିବେ ଓ ଦଳରେ ଉଚ୍ଚାରଣ କରିବାକୁ ଦେବେ ।
- ☐ ନୂଆ ନୂଆ ଶବ୍ଦ, କ୍ର, ସ୍ତ, ପ୍ର କୁ ଲଗାଇ କହିବା ପାଇଁ ସୁଯୋଗ ଦେବେ ।

**ପରିବେଶ**

- ☐ ମଣିଷ ଦ୍ୱାରା ସ୍ଥାନୀୟ ଭୂଭାଗର ବ୍ୟବହାର ।
- ☐ ସ୍ଥାନୀୟ ଅଞ୍ଚଳର ବୃକ୍ଷ, ଶସ୍ୟ ଚିହ୍ନଟ ।
- ☐ ଶିକ୍ଷକ ପିଲାମାନଙ୍କ ବାପାମାଆମାନେ କି ଚାକିରି କରନ୍ତି ପଚାରିବେ ?
- ☐ ବିଦ୍ୟାଳୟ ବାହାରକୁ ସୁବିଧାଥିଲେ ବୁଲାଇନେବେ । ଖାଲଜମି, ଡିପଜମି, ପାହାଡ଼, ଗଡ଼ିଆ ଆଦି ଯେଉଁ ଭୂମିରୂପ ଥିବ ଚିହ୍ନାଇବେ ।
- ☐ କାହାର ଚାଷ ଜମି ଅଛି କାହାର ଚାଷ ଜମି ନାହିଁ । ଜମିରେ କ'ଣ ଅମଳ ହୁଏ ବିଭିନ୍ନ ଖେଳ ଜରିଆରେ ଆଦାୟ କରିବେ । ପିଲାଙ୍କ ଅନୁଭୂତିକୁ ଗୁରୁତ୍ୱ ଦେବେ । କିଏ ପଶୁପାଳନକରି ପେଟ ପୋଷନ୍ତି ପଚାରିବେ ।
- ☐ ବଗିଚାରେ ଗଛ ଥିଲେ ଚିହ୍ନାଇବାକୁ କହିବେ । ଶ୍ରେଣୀରେ ଗପଟିକୁ କହିବେ । କହିଲାବେଳେ ଚିତ୍ରସହ ବଡ଼ ଅକ୍ଷରରେ ଲେଖାଥିବା ଶବ୍ଦଗୁଡ଼ିକ ଦେଖାଇବେ । ଶବ୍ଦଗୁଡ଼ିକ କଳାପଟାରେ ଲେଖିବେ । ଗପ କହିବା ସମୟରେ ଶସ୍ୟଗୁଡ଼ିକ ମଧ୍ୟ ଦେଖାଇ ପାରିବେ ।
- ☐ ଜମିରେ ପକ୍ଷୀ, କୀଟପତଙ୍ଗ ଦାଉରୁ ଫସଲ ରକ୍ଷାକରିବା ପାଇଁ କି ବନ୍ଦୋବସ୍ତ କରନ୍ତି ଆଲୋଚନା କରିବେ । ଚାଷର ଗୁରୁତ୍ୱ କଥା ଆଲୋଚନା କରିବେ । ଚାଷଜମିରେ ଗୋବର ଖତର ଗୁରୁତ୍ୱ କହିବେ ।
- ☐ ଉତ୍ପଳ କାହିଁକି ଚାଷ କରିବାକୁ ଚାହିଁଲା ଆଲୋଚନା କରିବେ ।
- ☐ ବାପା, ଜେଜେ / ଘରଲୋକେ ବିଭିନ୍ନ ପ୍ରକାର ଜମି ଦେଖାଇବାକୁ ପିଲାଙ୍କୁ କହିବେ ।

**ଅଭ୍ୟାସ**

- ☐ ଶବ୍ଦ ଲେଖିବା ଉପରେ ଗୁରୁତ୍ୱ ଦେବେ ।
- ☐ ୧ ନମ୍ବର ଗୀତ ମନେରଖିବାକୁ କହିବେ । ଆଦାୟ କରିବେ ।
- ☐ ୫ ନମ୍ବର ପିଲାମାନେ ଆଲୋଚନା କରି ବ୍ୟକ୍ତିଗତ ଭାବରେ ଲେଖିବେ ।
- ☐ ୯, ୭ ନମ୍ବର କରିବାକୁ ପିଲାମାନେ ଅଧିକ ସମୟ ନେଇପାରନ୍ତି; ତେଣୁ ସୁଯୋଗ ଦେବେ ।
- ☐ ୧୧ ନମ୍ବର ଚିତ୍ରରୁ ରଂଗଦେଇ ପକ୍ଷୀମାନଙ୍କ ନାମ ଲେଖିବେ ।
- ☐ ପିଲାମାନେ ବ୍ୟକ୍ତିଗତ ଭାବରେ ଲେଖିଲାପରେ ଶ୍ରେଣୀରେ ଆଦାୟ କରିବେ ।

পাঠ - ୧୬

# ଆମର ପର୍ବପର୍ବାଣି



ଏହା କେଉଁ ପର୍ବର ଚିତ୍ର ?

_______________


ଏହିଦିନ କେଉଁ ଠାକୁରାଣୀଙ୍କୁ ପୂଜା କରାଯାଏ ?

_______________

ତୁମେ ସେଦିନ ଘରେ କ'ଣ କରିଥାଅ ?

_______________

କାର୍ତ୍ତିକ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଦୀପାବଳି ପର୍ବ ପାଳନ କରାଯାଏ । ସେଦିନ ଆମେ ପୂର୍ବପୁରୁଷଙ୍କୁ ମନେ ପକାଇଥାଉ ।



ଚିତ୍ରରେ କେଉଁ ଧର୍ମର ଲୋକମାନଙ୍କୁ ଦେଖୁଛ ?


_______________

ସେମାନେ କେଉଁଠି ବସି ପ୍ରାର୍ଥନା କରୁଛନ୍ତି ?

_______________

ରମ୍‌ଜାନ୍ ମୁସଲମାନମାନଙ୍କର ଏକ ପର୍ବ । ଏକ ମାସ ଧରି ମୁସଲମାନମାନେ ଏହି ସମୟରେ ଉପବାସ କରନ୍ତି । ଏହା ସେମାନଙ୍କର ଏକ ପବିତ୍ର ମାସ ଅଟେ । ରାତିରେ ସ୍ୱତନ୍ତ୍ର ଭାବରେ ନମାଜ ପଢ଼ନ୍ତି । ଏହି ପବିତ୍ର ମାସରେ ବହୁତ ଦାନ କରନ୍ତି ।

ଚିତ୍ରରେ କେଉଁ ପ୍ରାର୍ଥନାସ୍ଥଳୀ ଅଛି ?



କେଉଁ ଧର୍ମର ଲୋକମାନେ ଏଠି ପ୍ରାର୍ଥନା କରନ୍ତି ?

ଡିସେମ୍ବର ମାସ ୨୫ ତାରିଖକୁ ଖ୍ରୀଷ୍ଟିୟାନ ଧର୍ମର ଲୋକମାନେ ବଡ଼ଦିନ ରୂପେ ପାଳନ କରନ୍ତି । ସେଦିନ ଯୀଶୁଖ୍ରୀଷ୍ଟ ଜନ୍ମ ହୋଇଥିଲେ ।

ଏଇଟି କେଉଁ ଯାତ୍ରାର ଚିତ୍ର ଦେଖୁଛ ?



କେଉଁସବୁ ଠାକୁର ଏହି ଦିନ ପୂଜା ପାଆନ୍ତି ?

ତୁମେ ରଥଯାତ୍ରା କିପରି ପାଳନ କର ?

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ପାଳନ କରାଯାଏ । ପୁରୀର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ ଅଟେ । ଏହି ଦିନ ସବୁଜାତି ଓ ଧର୍ମର ଲୋକମାନେ ବଡ଼ଦାଣ୍ଡରେ ଠାକୁରଙ୍କୁ ଦର୍ଶନ କରନ୍ତି ।



ଚିତ୍ରରେ କେଉଁ ଠାକୁରଙ୍କୁ ପୂଜା କରାଯାଉଅଛି ?

ଏହି ପୂଜା କେଉଁ ସବୁ ସ୍ଥାନରେ ହୁଏ ?

____________________

ତୁମେ ଗଣେଶପୂଜା ଦିନ ବିଦ୍ୟାଳୟରେ କ'ଣ ସବୁ କର ?

____________________

____________________

____________________

ଗଣେଶପୂଜା ଭାଦ୍ରବମାସ ଶୁକ୍ଳପକ୍ଷ ଚତୁର୍ଥୀ ଦିନ ହୋଇଥାଏ । ଠାକୁର ଗଣେଶଙ୍କୁ ବୁଦ୍ଧିଦାତା ଭାବରେ ଗଣନା କରାଯାଏ ।



ଏହି ଚିତ୍ରରେ କେଉଁ ଦେବୀ ଅଛନ୍ତି ?


____________________

ପୂଜା ପୂର୍ବଦିନ ତୁମେ ବିଦ୍ୟାଳୟରେ କ'ଣ କର ?

____________________

____________________

ମାଘମାସ ଶୁକ୍ଳ ପଞ୍ଚମୀ ତିଥିରେ ସରସ୍ୱତୀପୂଜା ହୋଇଥାଏ ।



ଚିତ୍ରରେ କାହାକୁ ଦେଖୁଛ ?

___________________

ମହାତ୍ମା ଗାନ୍ଧି ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ ଜନ୍ମ ହୋଇଥିଲେ । ଭାରତକୁ ପରାଧୀନରୁ ସ୍ୱାଧୀନ କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା । ତେଣୁ ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ 'ଗାନ୍ଧିଜୟନ୍ତୀ' ଭାବେ ପାଳନ କରାଯାଏ । ଗାନ୍ଧିଜୟନ୍ତୀ ଏକ ଜାତୀୟପର୍ବ ।

**ତୁମେ ଗୁରୁଦିବସ ଦିନ କ'ଣ କର ?**

ଏହା ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଚିତ୍ର । ସେ ଜଣେ ଆଦର୍ଶ ଶିକ୍ଷକ ଓ ଦାର୍ଶନିକ ଥିଲେ । ସେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଥିଲେ । ଶିକ୍ଷକସମାଜକୁ ସମ୍ମାନିତ କରିବାପାଇଁ ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ରୂପେ ପାଳନ କରାଯାଏ ।





ପ୍ରତିବର୍ଷ ଆମେ ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରୁ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା । ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ଦିନ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା । ତେଣୁ ଏହି ଦିନକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଏ । ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ହେଉଛି ଆମର ଜାତୀୟ ପର୍ବ । ଏହି ଦିନରେ ଜାତୀୟ ପତାକା ଉଡ଼ାଉ ଓ ଜାତୀୟ ସଂଗୀତ ଗାନ କରୁ । ଜାତୀୟ ପର୍ବ ପାଳନ କରି ଆମ ଦେଶ ପାଇଁ ଲଢ଼ିଥିବା ମହାନ୍ ଲୋକମାନଙ୍କୁ ମନେ ପକାଉ ଓ ସମ୍ମାନ ଦେଉ । ଭାରତର ସବୁସ୍ଥାନରେ ଜାତୀୟପର୍ବ ପାଳନ କରାଯାଏ । ଆମେ ଆହୁରି ଅନେକ ପର୍ବ ଗାଁ ଗହଳିରେ, ଘରେ ଓ ବିଦ୍ୟାଳୟମାନଙ୍କରେ ପାଳନ କରିଥାଉ । ଏହାଦ୍ୱାରା ଭାଇଭାଇ ଭାବ ଓ ସ୍ନେହମମତା ବଢ଼ିଥାଏ । ସବୁ ପର୍ବରେ ଜାତୀୟ ସଂଗୀତ ବୋଲାଯାଏ ନାହିଁ ।

ଚିତ୍ରରୁ ଏମାନଙ୍କୁ ଚିହ୍ନ ଓ ତାଙ୍କ ବିଷୟରେ କିଛି କୁହ ।













## ଅଭ୍ୟାସ

### ୧। ପଢ଼ ଓ ଲେଖ

ସ୍ଥାନ ________ ଅବସ୍ଥା ________

ସ୍ଥିର ________ ସ୍ଥାପନ ________

ସ୍ଥାୟୀ ________ ପ୍ରସ୍ଥାନ ________

ଅସ୍ଥି ________ ପ୍ରଶସ୍ତ ________

ଦୁଃସ୍ଥ ________ କୃଷ୍ଣ ________

ସୁସ୍ଥ ________ ବିଷ୍ଣୁ ________

ପ୍ରସ୍ଥ ________ ସହିଷ୍ଣୁ ________

ସ୍ଥଳ ________ ବୈଷ୍ଣବ ________

ସ୍ଥାବର ________ ଶ୍ରୀକୃଷ୍ଣ ________

### ୨। ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକ ନେଇ ଯେତେ ପାରୁଛ ଶବ୍ଦ ଗଢ଼ ।

| | | |
|---|---|---|
| ସ୍ତ | ପ | ନ |
| ପ୍ର | ସ୍ଥା | ଅ |
| ବ | ସ୍ଥ | ଳ |

________

________

________

________

୩। ଆସ ତଳ ବାକ୍ୟଗୁଡ଼ିକୁ ପଢ଼ିବା ଓ ଲେଖିବା ।

ସୁଦେଷ୍ଣା ବିଷ୍ଣୁପୁର ଯାଉଅଛି।

___________________________

କୃଷ୍ଣପକ୍ଷ ପରେ ଶୁକ୍ଳପକ୍ଷ ଆସେ ।

___________________________

ଆମ୍ଭେମାନେ କଷ୍ଟସହିଷ୍ଣୁ ହେବା ଉଚିତ୍ ।

___________________________

ସବୁଜ ପରିବା ଖାଇଲେ ଆମ ଦେହ ସୁସ୍ଥ ରହେ ।

___________________________

ଆମ ଗାଁରେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରାଗଲା ।

___________________________

୪। 'ସ୍ଥ' ଓ 'ଷ୍ଟ' ଥିବା ପାଞ୍ଚଟି ଶବ୍ଦ ଲେଖ ।

________, ________, ________, ________, ________ ।

୫। 'ସ୍ଥ' ଥିବା ଦୁଇଟି ବାକ୍ୟ ଓ 'ଷ୍ଟ' ଥିବା ଦୁଇଟି ବାକ୍ୟ ଲେଖ ।

___________________________ ।

___________________________ ।

___________________________ ।

___________________________ ।

୬। ପର୍ବର ନାମ ସହ ଉପଯୁକ୍ତ ପାଳନ ତାରିଖ ବା ତିଥିକୁ ନେଇ ତଳେ ବାକ୍ୟ ଲେଖ ।

| | |
|---|---|
| ଦୀପାବଳୀ | ଜାନୁଆରୀ ୨୬ ତାରିଖ |
| ବଡ଼ଦିନ | ମାଘମାସ ଶୁକ୍ଳ ପଞ୍ଚମୀ ତିଥି |
| ରଥଯାତ୍ରା | ସେପ୍ଟେମ୍ବର ୫ ତାରିଖ |
| ଗଣେଶ ପୂଜା | ଆଷାଢ଼ ଶୁକ୍ଳ ଦ୍ୱିତୀୟା |
| ସରସ୍ୱତୀ ପୂଜା | ଅଗଷ୍ଟ ୧୫ ତାରିଖ |
| ଗାନ୍ଧିଜୟନ୍ତୀ | ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି |
| ଗୁରୁଦିବସ | ଡିସେମ୍ବର ୨୫ ତାରିଖ |
| ସ୍ୱାଧୀନତା ଦିବସ | କାର୍ତ୍ତିକ ମାସ ଅମାବାସ୍ୟା ତିଥି |
| ସାଧାରଣତନ୍ତ୍ର ଦିବସ | ଅକ୍ଟୋବର ୨ ତାରିଖ |

__________________________________________ ।

__________________________________________ ।

__________________________________________ ।

__________________________________________ ।

__________________________________________ ।

__________________________________________ ।

__________________________________________ ।

__________________________________________ ।

__________________________________________ ।

୭। ତଳ ବାକ୍ୟଗୁଡ଼ିକରେ ଭୁଲ୍ ଥିଲେ ଠିକ୍ କରି ଲେଖ ।

(କ) ମହମ୍ମଦଙ୍କ ଜନ୍ମଦିବସକୁ ବଡ଼ଦିନ ରୂପେ ପାଳନ କରାଯାଏ ।

_______________________________________ ।

(ଖ) ସରସ୍ୱତୀଙ୍କୁ ବିଦ୍ୟାଦାତ୍ରୀ ରୂପେ ପୂଜା କରାଯାଏ ।

_______________________________________ ।

(ଗ) ମହାତ୍ମା ଗାନ୍ଧି ଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ।

_______________________________________ ।

(ଘ) ୧୯୫୦ ମସିହା ଜାନୁଆରୀ ୨୬ତାରିଖରେ ଆମ ଦେଶ ସ୍ୱାଧୀନ ହେଲା ।

_______________________________________

(ଙ) ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ନେତାଜୀ ଜନ୍ମଗ୍ରହଣ କରିଥିଲେ ।

_______________________________________



୮। ପର୍ବର ନାମ ସହିତ ସମ୍ପର୍କଥିବା ଚିତ୍ରକୁ ଗାର ଦେଇ ଯୋଡ଼ ।

ରଜ



ଜନ୍ମାଷ୍ଟମୀ



ହୋଲି



ବଡ଼ଦିନ



ରମଜାନ୍



୯। ପାଠଟିକୁ ପଢ଼ ଓ ନିଜ ଭିତରେ ଆଲୋଚନା କରି ଉତ୍ତର ଲେଖ ।

(କ) ଦୀପାବଳିରେ କେଉଁ ଠାକୁରାଣୀଙ୍କୁ ପୂଜା କରାଯାଏ ?

ଉତ୍ତର: ______________________________ ।

(ଖ) ରଥଯାତ୍ରାରେ କେଉଁ କେଉଁ ଠାକୁର ରଥରେ ଯାତ୍ରା କରନ୍ତି ?

ଉତ୍ତର: ______________________________

______________________________ ।

(ଗ) କେଉଁ ପର୍ବରେ ଜାତୀୟ ପତାକା ଉଡ଼ାଯାଏ ଓ ଜାତୀୟ ସଂଗୀତ ଗାନ କରାଯାଏ ?

ଉତ୍ତର: ______________________________

______________________________

______________________________ ।

(ଘ) ଗାନ୍ଧିଜୀଙ୍କୁ ଆମେ କାହିଁକି ମନେ ରଖିଛୁ ?

ଉତ୍ତର: ______________________________

______________________________

______________________________

______________________________ ।

(ଙ) ଗୁରୁଦିବସ କେଉଁ ତାରିଖରେ ପାଳନ କରାଯାଏ ?

ଉତ୍ତର: ______________________________

______________________________

______________________________ ।

## ୧୦। ଆଲୋଚନା କରି ଲେଖ ।

(କ) ତୁମ ବିଦ୍ୟାଳୟରେ ଗଣେଶ ପୂଜା କିପରି ପାଳନ କର ?

____________________

____________________

____________________

____________________।

(ଖ) ତୁମ ବିଦ୍ୟାଳୟରେ ସ୍ୱାଧୀନତା ଦିବସ କିପରି ପାଳନ କରାଯାଏ ?

____________________

____________________

____________________

____________________।

(ଗ) 'ଗୁରୁଦିବସ' ତୁମେ କିପରି ପାଳନ କର ?

____________________

____________________

____________________

____________________।

(ଘ) ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିତ୍ର ସଂଗ୍ରହ କରି ଆଲବମ୍ ତିଆରି କର ।

## ପାଠ - ୧୬ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା ୩୮

**କ'ଣ ଶିଖିବେ -**

**ଭାଷା**

- ☐ ସ୍ଥ, ଷ୍ଟ ଯୁକ୍ତାକ୍ଷର ଚିହ୍ନିବେ ।
- ☐ ବନାନ ସହିତ ଶବ୍ଦ ପଢ଼ିବା ଶିଖିବେ ।
- ☐ ଶିଖିଥିବା ଯୁକ୍ତାକ୍ଷର ଠିକ୍ ରୂପେ ଲେଖିବେ ।
- ☐ ଠିକ୍ ବନାନ ସହିତ ପରିଷ୍କାର ଭାବରେ ଶବ୍ଦ ଓ ବାକ୍ୟ ଲେଖିବେ ।
- ☐ ଶୁଣୁଥିବା, କହୁଥିବା ଓ ପଢୁଥିବା ବିଷୟକୁ ଭଲ ଭାବରେ ବୁଝି ପାରିବେ ।

**ପରିବେଶ**

- ☐ ଜାତୀୟ ପର୍ବପର୍ବାଣି ଓ ଅନ୍ୟାନ୍ୟ ପର୍ବଗୁଡ଼ିକୁ ଚିହ୍ନଟ କରିବେ ।
- ☐ ପର୍ବ ଗୁଡ଼ିକ କେବେ ଓ କାହିଁକି ପାଳନ କରାଯାଏ ଜାଣିବେ ।
- ☐ ପାଳନ ସମୟରେ ଶିକ୍ଷାର୍ଥୀଙ୍କ ଭୂମିକା ବୁଝିବେ ।
- ☐ ଶିକ୍ଷକ ପ୍ରଥମେ ପିଲାଙ୍କୁ ନିଜ ଅନୁଭୂତି ବର୍ଣ୍ଣନା କରିବା ସୁଯୋଗ ଦେବେ । ପିଲାମାନେ ଜାଣିଥିବା ପର୍ବପର୍ବାଣିର ନାମ କହିବେ । ସେମାନଙ୍କ ଘରେ ଓ ପାଖ ପଡ଼ୋଶୀ ପାଳୁଥିବା ପର୍ବପର୍ବାଣି ଗୁଡ଼ିକର ନାମ କହିବେ ।
- ☐ ପର୍ବପର୍ବାଣି ଦିନ ସେମାନେ କ'ଣ କ'ଣ କରନ୍ତି ଓ ଘରଲୋକେ କ'ଣ କରନ୍ତି ଆଲୋଚନା କରାଇବେ ।
- ☐ ଘର ପର୍ବପର୍ବାଣି ପରି ବିଦ୍ୟାଳୟରେ କ'ଣ କ'ଣ ପର୍ବ ପାଳନ ହୁଏ, କେଉଁ କେଉଁ ଦିବସ ପାଳନ ହୁଏ ଓ ସେହିଦନ ସେମାନେ କ'ଣ କରନ୍ତି ସେ ବିଷୟରେ ସେମାନଙ୍କଠାରୁ ଶିକ୍ଷକ ଶୁଣିବେ ।
- ☐ ସବୁଧର୍ମର / ଅଂଚଳରେ ଥିବା ଭିନ୍ନ ଧର୍ମର ପର୍ବପର୍ବାଣି ମଧ୍ୟ ପଚାରି ବୁଝିବେ ।
- ☐ ପାଠର ଚିତ୍ର ଦେଖିବାକୁ କହିବେ । ଚିତ୍ରରେ କେଉଁ ପର୍ବଗୁଡ଼ିକ ବିଷୟରେ ଦିଆଯାଇଛି ପଚାରିବେ । ନ ଚିହ୍ନିଲେ ଚିହ୍ନାଇବେ ଓ ତା'ପରେ ଚିତ୍ର ସମ୍ପର୍କିତ ଲେଖା ପଢ଼ିବାକୁ ଦେବେ ।
- ☐ ପିଲା ନୂଆ ଶବ୍ଦ ପଚାରିଲେ କଳାପଟାରେ ଲେଖି ରଖିବେ ଓ ଚିହ୍ନାଇବେ ।
- ☐ ଜାତୀୟ ପର୍ବ କ'ଣ କ'ଣ ପଚାରି ଆଦାୟ କରିବେ । ଜାତୀୟ ପର୍ବ କାହିଁକି କୁହାଯାଉଛି ପଚାରିଲା ପରେ ବୁଝାଇବେ ।
- ☐ ପାର୍ଲାମେଣ୍ଟ ଚିତ୍ର ଚିହ୍ନିବାକୁ କହିବେ । ପତାକା ଉଡୁଥିବା କାରଣ ଆଲୋଚନା କରାଇବେ । ଅଗଷ୍ଟ ୧୫, ଜାନୁଆରୀ ୨୬ର ଗୁରୁତ୍ୱ ଆଲୋଚନା କରିବେ । ବିଭିନ୍ନ ସଂଗ୍ରାମୀମାନଙ୍କୁ ଚିହ୍ନାଇବେ ଓ ଚିତ୍ର ସଗ୍ରହ କରିବାକୁ କହିବେ ।

**ଅଭ୍ୟାସ**

- ☐ ଅଭ୍ୟାସ କାର୍ଯ୍ୟ ବ୍ୟକ୍ତିଗତଭାବେ କରାନ୍ତୁ ଓ ଶ୍ରେଣୀରେ ଆଲୋଚନା କରାନ୍ତୁ ।
- ☐ ଉତ୍ତର ଆଦାୟ କରି ସଂଶୋଧନ କରାନ୍ତୁ ।
- ☐ ଆଲବମ୍ ପ୍ରସ୍ତୁତ କରିବା ସୁଯୋଗ ସୃଷ୍ଟି କରାନ୍ତୁ ।

ପାଠ - ୧୭

# ସ୍ୱାଧୀନତା ଦିବସ

ସକାଳ ହେଲେ ଅଗଷ୍ଟ ମାସ ୧୫ ତାରିଖ ହେବ । ପିଲାଙ୍କ ଭିତରେ ଆଗ୍ରହ ଓ ଉତ୍ସାହ ଦେଖାଯାଉଥାଏ । ଶିକ୍ଷକ କୃଷ୍ଣଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ପିଲାମାନେ କାମ କଲେ । ବିଦ୍ୟାଳୟର ଭିନ୍ନଭିନ୍ନ ସ୍ଥାନ ସଫା କଲେ । ପ୍ରଧାନ ଶିକ୍ଷକ ବିଷ୍ଣୁବାବୁ କାହାକୁ ମୁଖ୍ୟ ଅତିଥି କରିବେ ଭାବିଲେ । ବୈଷ୍ଣବ ବାବୁଙ୍କୁ ମୁଖ୍ୟ ଅତିଥି କରିବାକୁ ମନସ୍ଥ କଲେ । ପିଲାମାନେ ରଙ୍ଗୀନ କାଗଜର ପତାକା ଲଗାଇଲେ । ସବୁପିଲା ସକାଳ ୭ଟାରେ ପହଞ୍ଚିବା ପାଇଁ ସ୍ଥିର ହେଲା ।

ପିଲାମାନେ ଫୁଲ ନେଇ ସ୍କୁଲ୍‌କୁ ଆସିଲେ । ବୈଷ୍ଣବବାବୁ ଠିକ୍

4HDS8E



ସମୟରେ ବିଦ୍ୟାଳୟରେ ପହଞ୍ଚିଲେ । ସମସ୍ତେ ସ୍ଥିରଭାବେ ଛିଡ଼ା ହେଲେ । ବୈଷ୍ଣବବାବୁ ଜାତୀୟପତାକା ଉତ୍ତୋଳନ କଲେ । ପିଲାମାନେ ଜାତୀୟ ସଙ୍ଗୀତ ଗାଇଲେ ।




"ଜନ-ଗଣ-ମନ-ଅଧିନାୟକ ଜୟହେ
ଭାରତ ଭାଗ୍ୟ ବିଧାତା !
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା ଦ୍ରାବିଡ଼-ଉତ୍କଳ-ବଙ୍ଗ,
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା ଉଚ୍ଛଳ-ଜଳଧି-ତରଙ୍ଗ,
ତବ ଶୁଭ ନାମେ ଜାଗେ, ତବ ଶୁଭ ଆଶିଷ ମାଗେ,
ଗାହେ ତବ ଜୟ ଗାଥା ।
ଜନ-ଗଣ -ମଙ୍ଗଳ ଦାୟକ ଜୟ ହେ, ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ, ଜୟ ଜୟ ଜୟ, ଜୟ ହେ ।"

ତା'ପରେ ବୈଷ୍ଣବବାବୁ ଭାଷଣ ଦେଲେ ।

ଇଂରେଜମାନେ ଦୁଇଶହ ବର୍ଷ ଧରି ଆମକୁ ଶାସନ କରୁଥିଲେ । ଜାତିର ପିତା ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନ ହୋଇଥିଲା । ଆମ ଜାତୀୟ

ପତାକାରେ ତିନୋଟି ରଙ୍ଗ ଅଛି । କେଶର ରଙ୍ଗ ସାହସର ପ୍ରତୀକ । ଧଳା ରଙ୍ଗ ଶାନ୍ତିର ପ୍ରତୀକ । ସବୁଜ ରଙ୍ଗ ମୈତ୍ରୀର ପ୍ରତୀକ । ମଝିରେ ଥିବା ଅଶୋକଚକ୍ର



ଗାଢ଼ ନୀଳ ରଙ୍ଗ ଅଟେ । ଏଥିରେ ୨୪ଟି ଅର ଅଛି । ଏହା ପ୍ରଗତିର ସୂଚକ ଅଟେ । ଆଜିର ଶିଶୁ କାଲିର ନାଗରିକ । ଦେଶର ଉନ୍ନତି ପାଇଁ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ । ଭାଷଣ ପରେ ଦେଶ ପାଇଁ ଲଢ଼ିଥିବା ନେତାମାନଙ୍କ ନାମ କହିଲେ ଏବଂ ପିଲାଙ୍କୁ 'ଜୟ' କହିବାକୁ ଅନୁରୋଧ କଲେ ।

ମହାତ୍ମା ଗାନ୍ଧି କି- ଜୟ

ନେତାଜୀ ସୁଭାଷ ବୋଷ୍ କି – ଜୟ

ବାଲ୍ ଗଙ୍ଗାଧର ତିଲକ୍ କି – ଜୟ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ କି – ଜୟ

ଜବାହାରଲାଲ ନେହେରୁ କି – ଜୟ

ତା' ପରେ ପିଲାମାନେ ମିଠା ଖାଇ ଘରକୁ ଗଲେ ।

## ଅଭ୍ୟାସ

୧। ପାଠରେ ଯେଉଁ ନାମଗୁଡ଼ିକରେ 'ଷ୍ଣ' ଲାଗିଛି ସେହି ନାମଗୁଡ଼ିକ ଲେଖିବା ।

___

___

୨। ତଳ ବାକ୍ୟଗୁଡ଼ିକୁ ପଢ଼ିବା 'ଷ୍ଣ' ଥିବା ଶବ୍ଦଗୁଡ଼ିକୁ △ ମଧ୍ୟରେ ଲେଖିବା । 'ସ୍ଥ' ଥିବା ଶବ୍ଦଗୁଡ଼ିକୁ □ ମଧ୍ୟରେ ଲେଖିବା ।

- ଆମ ଶରୀରରେ ୨୦୬ ଖଣ୍ଡ ଅସ୍ଥି ଅଛି ।
- ଆମ ବିଦ୍ୟାଳୟ ହତାରେ ବୃକ୍ଷରୋପଣ କରିବା ପାଇଁ ସ୍ଥିର କରାଗଲା ।
- କୃଷ୍ଣ ଓ ବିଷ୍ଣୁ ଦୁଇ ଭାଇ ।
- ସ୍ୱାସ୍ଥ୍ୟ ହିଁ ସମ୍ପଦ ।
- ଆମ ପୃଥିବୀରେ ସ୍ଥଳଭାଗ ଅପେକ୍ଷା ଜଳଭାଗ ବେଶି ।
- ଶ୍ରୀଚୈତନ୍ୟ ବୈଷ୍ଣବଧର୍ମ ପ୍ରଚାର କରିଥିଲେ ।

୩। ତଳ ଶବ୍ଦଗୁଡ଼ିକ ପଢ଼ ଓ ଲେଖ-

ଶୁକ୍ଳ ____, ବଲ୍ଲଭ ____ କଳ୍କି ____

୪। ପାଠଟି ପଢ଼ ଓ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

(କ) ଶିକ୍ଷକ କୃଷ୍ଣଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ପିଲାମାନେ କ'ଣ କଲେ ?

ଉତ୍ତର: ____

____

(ଖ) ବିଦ୍ୟାଳୟର ପ୍ରଧାନଶିକ୍ଷକ କିଏ ?

ଉତ୍ତର: ____

(ଗ) କିଏ ମୁଖ୍ୟଅତିଥି ହେଲେ ?

ଉତ୍ତର: ____

(ଘ) ପିଲାମାନେ କେଉଁ କାଗଜର ପତାକା ଲଗାଇଲେ ?

ଉତ୍ତର: ____

(ଙ) କିଏ ପତାକା ଉତ୍ତୋଳନ କଲେ ?

ଉତ୍ତର: ____

(ଚ) ଇଂରେଜମାନେ ଆମ ଦେଶକୁ କେତେ ବର୍ଷଧରି ଶାସନ କଲେ ?

ଉତ୍ତର: ____

(ଛ) କାହା ନେତୃତ୍ୱରେ ଆମ ଦେଶ ସ୍ୱାଧୀନ ହେଲା ?

ଉତ୍ତର: ____


____

(ଜ) ଚାରିଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଲେଖ।

ଉତ୍ତର: ____

____

୫। ଚିତ୍ର ଦେଖି ରଙ୍ଗ ଦିଅ ।



୬। ଖାଲିସ୍ଥାନ ପୂରଣ କର ।

(କ) ଜାତୀୟପତାକାର ମଝିରେ ଥିବା ଧଳା ରଙ୍ଗ ____ ର ପ୍ରତୀକ ।

(ଖ) ଜାତୀୟପତାକାର ତଳେ ଥିବା ସବୁଜ ରଙ୍ଗ ____ ର ପ୍ରତୀକ ।

(ଗ) ଜାତୀୟପତାକାର ଉପରେ ଥିବା କେଶର ରଙ୍ଗ ____ ର ପ୍ରତୀକ ।

(ଘ) ଜାତୀୟପତାକାର ମଝିରେ ଥିବା ଚକ୍ର ଚିହ୍ନ ____ ର ପ୍ରତୀକ ।

(ଙ) ଜାତୀୟପତାକାର ମଝିରେ ଥିବା ଚକ୍ରରେ ____ ଟି ଅର ଅଛି ।

(ଚ) ୧୯୪୭ ମସିହା ____ ମାସ ____ ତାରିଖରେ ଆମ ଦେଶ ସ୍ୱାଧୀନ ହେଲା ।

୭। ଟିକିଏ ଭାବ ଓ ଲେଖ ।

ତୁମ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ କିପରି ପାଳନ କରାଯାଏ ? ସେ ବିଷୟରେ କିଛି ଲେଖ ।

ଉତ୍ତର: ____________________

## ଆମେ ଆମ ବହିରୁ ଏପର୍ଯ୍ୟନ୍ତ କ'ଣ ଶିଖିଲେ

| 'ୟ' ଫଳା 'ୟ' | 'ଳ' ଫଳା '୍ଳ' | 'ଲ' ଫଳା '୍ଲ' | 'ୱ' ଫଳା '୍ୱ' | ରେଫ୍ 'ର୍' |
|---|---|---|---|---|
| ଣ୍ଡ | ଙ୍ଖ | ନ୍ତ | ଟ୍ଟ | ଦ୍ଧ |
| ନ୍ଧ | ମ୍ପ | ମ୍ଫ | ମ୍ଭ | ମ୍ବ |
| ଷ୍କ | ଷ୍ପ | ଷ୍ଫ | ଷ୍ଟ | ଷ୍ଠ |
| ସ୍କ | ସ୍ପ | ଓ | ଦ୍ଦ | ଦ୍ଧ |
| ଙ୍ଘ | ଭି | ଲ୍ପ | କ୍ତ | ପ୍ର |
| ପ୍ତ | ସ୍ଥ | ସ୍ଥ | ଟ୍ଟ | ଷ୍ଠ |
| ଛ | ଲ୍କ | ସ୍ତ | କ୍ର | ଷ୍ଣ |

## ପାଠ - ୧୭ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୨୬

**କ'ଣ ଶିଖିବେ -**

**ଭାଷା**
- ☐ **ସ୍ଥ, ଷ୍ଟ, କ୍ଷ ପୁନରାବୃତ୍ତି**

**ପରିବେଶ**
- ☐ ଜାତୀୟପତାକାର ଧାରଣା
- ☐ ଜାତୀୟସଙ୍ଗୀତ ଗାନ ।
- ☐ ଶିକ୍ଷକ ଅଗଷ୍ଟ ୧୫ ଓ ଜାନୁୟାରୀ ୨୬ ତାରିଖର ଗୁରୁତ୍ୱ ବିଷୟରେ ଆଲୋଚନା କରିବେ । ପୁଣି ଥରେ ଆଲୋଚନା କରି କାହିଁକି କରାଯାଏ ଆଦାୟ କରିବେ ।
- ☐ ଏହାକୁ ଆମର ଜାତୀୟପର୍ବ ବୋଲି କାହିଁକି କୁହାଯାଏ ପଚାରିବେ । ସେଦିନ କ'ଣ କ'ଣ କରନ୍ତି ମନେ ପକାଇବାପାଇଁ କହିବେ ।
- ☐ ଚିତ୍ରରେ କ'ଣ ଦେଖୁଛନ୍ତି ଓ କେଉଁ ଦିନରେ ଏ କାମ କରନ୍ତି ପଚାରି ବୁଝିବେ ।
- ☐ ପିଲାକୁ ପାଠଟି ପଢ଼ିବାକୁ ଦେବେ ।
- ☐ ଛୋଟଛୋଟ ପ୍ରଶ୍ନ ପଚାରିବେ ।
- ☐ ଜାତୀୟପତାକାର ଚିତ୍ର ଦେଖାଇବେ ଓ ରଂଗ ଗୁଡ଼ିକ କ'ଣ କ'ଣ ପଚାରିବେ ।
- ☐ ପାଠରେ ଥିବା ବର୍ଣ୍ଣନାକୁ ପଢ଼ିବେ, ଆଲୋଚନା କରିବେ ଓ କ'ଣ ବୁଝିଲେ ବୁଝାଇବେ । ପତାକାର ରଂଗ ଦେଖାଇ ତା'ର ଗୁରୁତ୍ୱ କହିବେ ।
- ☐ କାହିଁକି ସାହସ, ବୀରତ୍ୱ, ଶାନ୍ତି, ମୈତ୍ରୀ ଓ ପ୍ରଗତିକୁ ପତାକାରେ ଗୁରୁତ୍ୱ ଦିଆଯାଇଛି ଆଲୋଚନା କରିବେ ।
- ☐ ସବୁଦେଶର ପତାକା ଥାଏ ଓ କାହିଁକି ଥାଏ ଆଲୋଚନା କରିବେ ।
- ☐ ପ୍ରତ୍ୟେକପିଲା ଜାତୀୟସଙ୍ଗୀତ ଗାନ କରିବା ଶିଖିବେ ।

**ଅଭ୍ୟାସ**
- ☐ ବ୍ୟକ୍ତିଗତଭାବେ ଅଭ୍ୟାସକାର୍ଯ୍ୟ କରାଇବେ ଓ ଉତ୍ତର ଶ୍ରେଣୀରେ ଆଲୋଚନା କରିବେ ।
- ☐ ବିଭିନ୍ନ ଦେଶର ପତାକାର ଚିତ୍ର ସଂଗ୍ରହ କରି ଆଲବମ୍ ତିଆରି କରିବାକୁ ଉତ୍ସାହିତ କରିବେ ।

ପାଠ - ୧୮

# ମାଆ ପରି ମୋର କିଏ ସେ ହେବ



ମାଆ ପରି ମୋର କିଏ ସେ ହେବ
ନାନା ଗୀତ ଗାଇ ଖୁଆଇଦେବ
କୋଳେ ଧରିବ



ଗେଲ କରିବ
ମୋ ଆଖିରେ ଲୁହ ଜକେଇ ଆସିଲେ
କାଖକରି ମତେ ହସେଇଦେବ
ମାଆ ପରି ମୋର କିଏ ସେ ହେବ ।୧।



ମାଆ ପରି ମୋର କିଏ ସେ ହେବ
ମୋ ଅଳି ଅଝଟ ସବୁ ସହିବ
ଗପ କହିବ
ବୁଝେଇ ଦେବ
ଗୁଣୁଗୁଣୁ ହୋଇ ଗୀତ ଗାଇଗାଇ
ବିଛଣାରେ ମୋତେ ଶୁଆଇଦେବ
ମାଆ ପରି ମୋର କିଏ ସେ ହେବ ।୨।

ଦାଣ୍ଡରୁ ଆସିଲେ ଆଉଁସୁଥିବ
ଧୂଳି ଝାଡ଼ି ମୁଣ୍ଡ କୁଣ୍ଡାଇଦେବ





ଦେହରେ ପୋଷାକ ପିନ୍ଧାଇଦେବ



ଆ'ଆ' କହି ସରଗଚାନ୍ଦକୁ
ହାତଟେକି ମୋତେ ଦେଖାଇଦେବ
ମାଆ ପରି ମୋର କିଏ ସେ ହେବ ।୩।

ବହିବସ୍ତାନିକୁ ସଜାଡ଼ିଦେବ
ପାଠ ପଢ଼ିବାକୁ ପଠାଇଦେବ
ଅନେଇଥିବ
ଖାଇ ନ ଥିବ





ଦୁନିଆରେ ମୁହିଁ ବଡ଼ ହେବାଲାଗି
ସବୁବେଳେ ଶୁଭ ମନାସୁଥିବ
ମାଆ ପରି ମୋର କିଏ ସେ ହେବ ।୪।

## ଅଭ୍ୟାସ

**୧। ପଦ୍ୟଟିକୁ ପଢ଼ ଓ ଉତ୍ତର ଲେଖ।**

(କ) ମାଆ ଖୁଆଇଦେଲା ବେଳେ କ'ଣ କରନ୍ତି ?

ଉତ୍ତର: ______________________________

(ଖ) ତୁମ ଆଖିରେ ଲୁହ ଜକେଇ ଆସିଲେ ମାଆ କ'ଣ କରନ୍ତି ?

ଉତ୍ତର: ______________________________

(ଗ) ତୁମେ ଦାଣ୍ଡରୁ ଆସିଲାପରେ ମାଆ କ'ଣ କରନ୍ତି ?

ଉତ୍ତର: ______________________________

(ଘ) ପାଠ ପଢ଼ିବାକୁ ଯିବାପୂର୍ବରୁ ତୁମ ମାଆ ତୁମପାଇଁ କ'ଣ କ'ଣ ସଜାଡ଼ନ୍ତି ?

ଉତ୍ତର: ______________________________

(ଙ) ତୁମ ମାଆ ତୁମେ ବଡ଼ହେଲେ କ'ଣ ହେବାଲାଗି ଶୁଭ ମନାସନ୍ତି ?

ଉତ୍ତର: ______________________________

(ଚ) ତୁମେ ତୁମ ମାଆଙ୍କଠାରୁ କେଉଁକେଉଁ ସମୟରେ ଗପ ଶୁଣିଥାଅ ?

ଉତ୍ତର: ______________________________

୨। କ. ତୁମ ମାଆ ତୁମ ପାଇଁ କ'ଣ କ'ଣ କାମ କରନ୍ତି ଲେଖ।

ଉ. ______________________________

(ଖ) ତୁମ ମାଆ ଘରେ ନଥିବା ସମୟରେ ତୁମର କି କି ଅସୁବିଧା ହୁଏ ?

ଉ. ______________________________

(ଗ) ତୁମ ପରିବାରରେ କିଏ କିଏ ଅଛନ୍ତି ଲେଖ।

ଉ. ______________________________

୩। ଛାଡ଼ି ଦିଆଯାଇଥିବା ପଦଟି ପୂରଣକର।

(କ) ମୋ ଆଖିରେ ଲୁହ ଜକେଇ ଆସିଲେ

କାଖକରି______________

(ଖ) ଗୁଣୁଗୁଣୁ ହୋଇ ଗୀତ ଗାଇଗାଇ

ବିଛଣାରେ______________

(ଗ) ଦାଣ୍ଡରୁ ଆସିଲେ ଆଉଁସୁଥିବ

ଧୂଳି ଝାଡ଼ି ______________

(ଘ) ଦୁନିଆରେ______________

ସବୁବେଳେ ଶୁଭ ମନାସୁଥିବ

୪। ପାଠଟିକୁ ପଢ଼ି ପଦ୍ୟ ଅନୁସାରେ ସଜାଅ ।

(କ) ପିନ୍ଧାଇ ଦେବ ପୋଷାକ ଦେହରେ ।

____________________

(ଖ) ମୋ ସହିବ ସବୁ ଅଳି ଅଝଟ ।

____________________

(ଗ) ମତେ ଦେବ ହସେଇ କାଖକରି

____________________

(ଘ) ସଜାଡ଼ି ବହିବସ୍ତାନିକୁ ଦେବ

____________________

୫। ତୁମ ମାଆ ତୁମ ପାଇଁ କେଉଁ କେଉଁ ପିଠା ତିଆରି କରନ୍ତି ?

________________________________________

________________________________________

________________________________________

________________________________________

________________________________________

## ପାଠ - ୧୮

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

କ'ଣ ଶିଖିବେ -

ପିରିୟଡ - ୧୨

ଭାଷା :

- ପିଲାମାନେ ପଦ୍ୟଟିକୁ ସମୂହଭାବରେ ଓ ବ୍ୟକ୍ତିଗତ ଭାବରେ ଆବୃତ୍ତି କରିବେ।
- ସରଳଭାବରେ ସହଜ ପ୍ରଶ୍ନର ଉତ୍ତର ଦେବେ।
- ଛୋଟ ଛୋଟ ପ୍ରଶ୍ନ ପଚାରିବେ।
- ସରଳ ପଦ୍ୟକୁ ଉଚ୍ଚ ସ୍ୱରରେ ପଢ଼ିବେ।

ପରିବେଶ :

- ମାଆ ପିଲାମାନଙ୍କର କି କି କାମ କରନ୍ତି ତାହା ପିଲାମାନଙ୍କ ପାଇଁ କିପରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ।
- ଚିତ୍ରକୁ ମନ ଦେଇ ଦେଖିବାକୁ କହିବେ। କ'ଣ ଦେଖୁଛନ୍ତି ଓ ଚିତ୍ରରୁ କ'ଣ ଜାଣୁଛନ୍ତି ଆଲୋଚନା କରିବେ।
- ଗୀତଟିକୁ ଆବୃତ୍ତି କରିବେ ଓ ପିଲାମାନଙ୍କ ସହିତ ଆଲୋଚନା କରିବେ।
- ମାଆ ପିଲାମାନଙ୍କ ପାଇଁ କି କି କାମ କରନ୍ତି ପିଲାମାନଙ୍କ ସହିତ ଆଲୋଚନା କରିବେ।
- ପିତାମାତା ପ୍ରତି ଭକ୍ତିଭାବ ସୃଷ୍ଟି କରିବା ପାଇଁ ମାତାଙ୍କ ଗୁରୁତ୍ୱ କବିତା ମାଧ୍ୟମରେ ଆଲୋଚନା କରିବେ।
- ପିଲାମାନଙ୍କୁ ସରଳ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବେ।

ଅଭ୍ୟାସ :

- ଗୀତଟିକୁ ଆବୃତ୍ତି କରାଇବେ।
- ବ୍ୟକ୍ତିଗତ ଭାବରେ ଅଭ୍ୟାସ ପ୍ରଶ୍ନର ଉତ୍ତର କରିବେ।
- ପିଲାମାନଙ୍କ ପରିବାରର ଅନ୍ୟମାନଙ୍କ ବିଷୟରେ ଆଲୋଚନା କରିବେ।
- ମାଆ ନଥିଲେ କ'ଣ ଅସୁବିଧା ହେବ ଆଲୋଚନା କରିବେ।

ପାଠ - ୧୯


# ଚିତ୍ର ଦେଖି ଓ କୁହ

ଚିତ୍ର - ୧

## ଆସ ଖେଳିବା


ତଳେ ଦୁଇଟି ଚିତ୍ର ଅଛି । ଗୋଟିଏ ଚିତ୍ରରେ ପାଞ୍ଚଟି ଭୁଲ ଅଛି । ତାକୁ ଖୋଜି ବାହାର କର ।

4HWJBP






ଚିତ୍ର ଦେଖି କାହାଣୀ ତିଆରି କର ।   ଚିତ୍ର ନଂ - ୨



ଚିତ୍ର -୩





ଚିତ୍ର ଦେଖ

ପରସ୍ପର ମଧ୍ୟରେ କଥା ହୁଅ।

ଏଭଳି ଚିତ୍ର ଅଙ୍କନ କର।

ରଙ୍ଗ ଦିଅ।

## ପାଠ - ୧୯

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

ପିରିୟଡ଼ ସଂଖ୍ୟା - ୮

**କ'ଣ ଶିଖିବେ -**

**ଭାଷା**

- ☐ ଚିତ୍ର ଦେଖି କହିବା ଶିଖିବେ ।
- ☐ ପାର୍ଥକ୍ୟ ଦର୍ଶାଇ କହିବା ଶିଖିବେ ।
- ☐ ଗପ ଗଢ଼ି, କହି ଶିଖିବେ ।

**ପରିବେଶ**

- ☐ ପରିବେଶରେ ଘଟୁଥିବା ଘଟଣା, ପଶୁପକ୍ଷୀଙ୍କ ଘର ମନେପକାଇବେ ଓ ଚିହ୍ନିବେ ।

**ପାଠ ୧୯ ରେ ୩ଟି ଚିତ୍ର ଅଛି**

- ☐ ୧ ନମ୍ବର ଚିତ୍ର ପିଲାଙ୍କୁ ଦେଖିବାକୁ ଦେବେ । ବ୍ୟକ୍ତିଗତ ଭାବେ ଦେଖିଲା ପରେ ଯାହା ଦେଖୁଛନ୍ତି ଦଳରେ କଥାବାର୍ତ୍ତା ହେବେ ଓ ଶ୍ରେଣୀରେ କହିବେ ।
- ☐ ଚିତ୍ର ନମ୍ବର ୨ ଦେଖିବେ । ଦଳରେ ଚିତ୍ର ସମ୍ପର୍କରେ ଆଲୋଚନା କରିବେ ।
- ☐ ବ୍ୟକ୍ତିଗତ ଭାବରେ ପାର୍ଥକ୍ୟ ଦର୍ଶାଇବେ ।
- ☐ ୩ ନମ୍ବର ଚିତ୍ର ଦେଖିବେ । କ'ଣ ଦେଖୁଛନ୍ତି ଆଲୋଚନା କରିବେ ।
- ☐ ସମସ୍ତେ ଗୋଲ୍‌ରେ ବସି ଚିତ୍ରରୁ କାହାଣୀ ତିଆରି କରିବେ ଓ କହିବେ ।